THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର୍

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୧୨ ଏପ୍ରିଲ ୨୦୨୬

ମନୋରଞ୍ଜନ

ଯାମୀଙ୍କ ବଡ଼ ଉପହାର





## ଓଡ଼ିଆ ନବବର୍ଷ

## 'ମହାବିଷୁବ ସଂକ୍ରାନ୍ତି'

# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୧

■ ମନୋଜ କୁମାର ମହାପାତ୍ର

ବାସ୍ତବରେ ତାଙ୍କ ଜୀବନରେ ମାନବ-ଜୀବନର ବହୁମୁଖୀ ଜଟିଳ ସମସ୍ୟାର ସୁଖ ଓ ଦୁଃଖ ରହିଥିଲା । ମାନବତାର ସମଗ୍ର ଆଧ୍ୟାତ୍ମିକ ଇତିହାସ ମଧ୍ୟରେ ତାଙ୍କର ପଚାଶ ବର୍ଷର ଜୀବନକାଳ ମଧ୍ୟରେ ଅଳ୍ପ ସମୟ ପାଇଁ ସେ ଲୀନ ହେଇଯାଇଥିଲେ । ଏବଂ ଏହି ସ୍ୱଳ୍ପ ଅବଧିରେ ଏଭଳି କୌଣସି ଧର୍ମ ନଥିଲା ଯାହା ଅନୁସାରେ ସେ ଜୀବନ ବିତେଇ ନଥିଲେ । ଏମିତି କୌଣସି ସତ୍ୟ ବାକି ନଥିଲା ଯାହାର ଅନୁଭୂତି ସେ ପ୍ରାପ୍ତ କରିନଥିଲେ । ତାଙ୍କ ଜୀବନ ଏହିଭଳି ଭାବରେ ବିବିଧ ମାନବୀୟ ବିଚାରଧାରାର ଏକ ବିଶାଳ ସଂଗମ ହୋଇଯାଇଥିଲା, ଯେଉଁଠି କ୍ଲାନ୍ତ-ଶ୍ରାନ୍ତ ଯାତ୍ରୀମାନେ ଆସି ପହଞ୍ଚୁଥିଲେ ଏବଂ ନିଜର ଆଧ୍ୟାତ୍ମିକ ପିପାସା ଶାନ୍ତ କରିପାରୁଥିଲେ । ଏତାଦୃଶ୍ୟ ଅନୁପମ ବ୍ୟକ୍ତିତ୍ୱଙ୍କର ସାର୍ବଭୌମ ସନ୍ଦେଶ ପ୍ରତି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କର ଶରଣ ପଶୁଥିଲେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

କିନ୍ତୁ ବାରମ୍ବାର ଭାବସମାଧିରେ ଲୀନ ହେବା ଓ ଅଗଣିତ ଭକ୍ତଙ୍କ ଆଗମନରେ ସେମାନଙ୍କ ସହିତ ଆଧ୍ୟାତ୍ମିକ ଆଲୋଚନା କରିବା ଫଳରେ ତାଙ୍କର ଦୁର୍ବଳ ଶରୀର ଭଗ୍ନ ହେବାକୁ ଲାଗିଲା । କେବେ କେବେ ଛୋଟ ବାଳକ ରୁଷିଲା ଭଳି ଜଗନ୍ମାତାଙ୍କ ସମ୍ମୁଖରେ ଅଝଟ କରି କହୁଥିଲେ - 'ତୁମେ ଏଭଳି ଲୋକଙ୍କୁ କାହିଁକି ଏଠାକୁ ଆଣୁଛ, ଯେଉଁମାନେ ଦୁଧରେ ପାଞ୍ଚ-ଗୁଣା ପାଣି ମିଶିଲା ଭଳି ବ୍ୟକ୍ତିତ୍ୱ । ଆଉ ଏହି ଜଳ ଶୁଖାଇବା ପାଇଁ ଫୁଙ୍କି ଫୁଙ୍କି ମୋ ଆଖି ନଷ୍ଟ ହୋଇଗଲାଣି, ମୋ ସ୍ୱାସ୍ଥ୍ୟ ଭାଙ୍ଗି ଗଲାଣି । ଏହା ମୋ ମୁହଁର କଥା ନୁହେଁ ଯଦି ତୁମେ ଏୟା କରିବାର ଅଛି, ତେବେ ମା' ତୁମେ ନିଜେ କର ।' ଏଠାରେ (ନିଜ ଶରୀରକୁ ଇଙ୍ଗିତ କରି) ଗୋଟିଏ ଫୁଟା ଢ଼ୋଲର ସେବା ଛଡ଼ା ଆଉ ଏଥିରେ ଅଛି କ'ଣ ? ଯଦି ତୁମେ ଦିନରାତି ଏହାକୁ ପିଟି ଚାଲିବ, ତେବେ ଥରେ ଭାବି ଦେଖତ, ଏହି ଦେହ କେତେଦିନ ଚାଲିବ ? ତଥାପି ନିଜର ଭୟାନକ ଶାରୀରିକ ଶ୍ରମ ସତ୍ତ୍ୱେ, ସନ୍ତପ୍ତ ଆତ୍ମାମାନଙ୍କୁ ଆଧ୍ୟାତ୍ମିକ ଶାନ୍ତି ପ୍ରଦାନ କରିବା ପ୍ରୟାସରେ କେବେ ବି କିଞ୍ଚିତ ମାତ୍ର ହେଳା କରୁନଥିଲେ, ଯଦିଓ ଲୋକେ ସମୟ ଅସମୟରେ ତାଙ୍କ ପାଖକୁ ଆସୁଥିଲେ । ଦୁଃଖ ଓ ଅଜ୍ଞାନରେ ଭରା ମାନବଜାତି ପ୍ରତି ଅସୀମ କରୁଣା ଝରିପଡୁଥିଲା, ଯାହା ଫଳରେ ତାଙ୍କର ନିଜ କ୍ଷଣିକ ଅସୁସ୍ଥତାର ଭାବ ତିରୋହିତ ହେଇଯାଉଥିଲା । ସେ କାତର ହୋଇ ଚିଲେଇ କହୁଥିଲେ - ବାରମ୍ବାର ଯଦି ମୁଁ କୁକୁର ଜନ୍ମ ନେବି, ଯଦି କିଛି ଆତ୍ମାର ସହାୟତା ଓ ଉପକାର କରିପାରିବି ତେବେ ସେଥିପାଇଁ ମୁଁ ପ୍ରସ୍ତୁତ ଅଛି ମା' । ଗୋଟିଏ ବ୍ୟକ୍ତିର କଲ୍ୟାଣ ନିମନ୍ତେ ମୁଁ ଏଭଳି କୋଡ଼ିଏ-ହଜାର ଶରୀର ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି । ଗୋଟିଏ ମନୁଷ୍ୟକୁ ସହାୟତା କରିପାରିବା ସତରେ ଏକ ସୌଭାଗ୍ୟର କଥା । ସମସ୍ତଙ୍କ ପ୍ରତି ତାଙ୍କର କରୁଣା ଏଭଳି ଗଭୀର ଥିଲା ଯେ ସେ ସମାଧିରେ ମଗ୍ନ ରହିବା କାରଣ ଯୋଗୁ କେବେ କେବେ ନିଜକୁ ଦୋଷୀ ବୋଲି ଭାବୁଥିଲେ । କାହିଁକି ନା ତାଙ୍କୁ ଲାଗୁଥିଲା ଯେ ଏହି ସମାଧିରେ ଯେଉଁ ସମୟ ବ୍ୟତୀତ ହେଉଛି, ସେଥିରେ ସେ ଲୋକଙ୍କର ଆଧ୍ୟାତ୍ମିକ କଲ୍ୟାଣ କରିପାରିଥାନ୍ତେ ।

୧୮୮୪ ଖ୍ରୀଷ୍ଟାବ୍ଦର ସାରା ଗ୍ରୀଷ୍ମମାସ ପ୍ରବଳ ଗରମ ଯୋଗୁ ତାଙ୍କୁ ବଡ କଷ୍ଟ ସହିବାକୁ ପଡ଼ିଥିଲା । ନିଜ ଶରୀରରେ ବରଫ ଘଷି ଅଳ୍ପ କଷ୍ଟ ଦୂର କରୁଥିଲେ । ଏହା ଦେଖି ଭକ୍ତମାନେ ପ୍ରତିଦିନ ବରଫ ଆଣିବାକୁ ଲାଗିଲେ । ସବୁବେଳେ ବରଫ ଲଗାଇବା ଫଳରେ ଶ୍ରୀ ରାମକୃଷ୍ଣଙ୍କର ଗଳାରେ ପୀଡ଼ା ଆରମ୍ଭ ହେବାକୁ ଲାଗିଲା । ପ୍ରଥମରୁ ପୀଡ଼ା ଅତି ସାମାନ୍ୟ ଥିବାରୁ ଭକ୍ତମାନେ ସେଥିପ୍ରତି ଏତେଟା ନଜର ଦେଇନଥିଲେ । କିନ୍ତୁ ମାସେ ଭିତରେ କଷ୍ଟ ଏଭଳି ଅଧିକ ହେଲା ଯେ ଶିଷ୍ୟଗଣ ଚିନ୍ତିତ ହୋଇପଡ଼ିଲେ ଏବଂ ସେମାନେ କଣ୍ଠରୋଗ ବିଶେଷଜ୍ଞଙ୍କୁ ଡ଼କାଇ ଏହାର ପରୀକ୍ଷା କରାଇଲେ । ବହୁତ ଔଷଧ ଖାଇଲା ପରେ ମଧ୍ୟ ତାଙ୍କର ତିଳେମାତ୍ର କଷ୍ଟର ହ୍ରାସ ହେଲାନି । ବିଶେଷ କରି ପୂର୍ଣ୍ଣିମା ଓ ଅମାବାସ୍ୟ ଦିନରେ ସେହି ପୀଡ଼ା ପ୍ରଚଣ୍ଡ ହେଇ ଉଠୁଥିଲା ଯାହାଫଳରେ କଠିନ ଖାଦ୍ୟ ଖାଇବା ଅସମ୍ଭବ ହେଇପଡିଲା । ଚିକିତ୍ସକମାନେ ତାହାର ନିଦାନରେ 'ବକ୍ତାଙ୍କର ରୋଗ' ବୋଲି ନିର୍ଣ୍ଣୟ କଲେ । ଶ୍ରୀ ରାମକୃଷ୍ଣ, ଡାକ୍ତରଙ୍କ ସମସ୍ତ ପରାମର୍ଶ ମାନୁଥିଲେ, କେବଳ ଭାବ ସମାଧିକୁ ରୋକି ପାରୁନଥିଲେ ଏବଂ ନିଜର ସ୍ୱର-ଯନ୍ତ୍ରକୁ ଆରାମ ଦେଇପାରୁନଥିଲେ । ଯେବେ ସେ ଈଶ୍ୱର ଚର୍ଚ୍ଚା କରୁଥିଲେ, ସେତେବେଳେ ଶରୀରର ଭାବ ଛାଡ଼ି ସମାଧିରେ ବୁଡି ଯାଉଥିଲେ । ଏହି ପ୍ରକାରେ ତାଙ୍କ ପାଖକୁ ଶାନ୍ତି କାମନା ପାଇଁ ଆସୁଥିବା ସଂସାରତାପ-ତପ୍ତ ଲୋକଙ୍କ ସମ୍ମୁଖରେ ତାଙ୍କର ବାଣୀ ଥମିବାର ନାଁ ଧରୁନଥିଲା । ସୁତରାଂ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ତାଙ୍କର ସ୍ୱାସ୍ଥ୍ୟ ଆହୁରି ଶୋଚନୀୟ ହେଇଯାଉଥିଲା । (କ୍ରମଶଃ) **ଫୋନ୍-୯୯୩୭୨୯୭୦୩୯**





# ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୈଶାଖ

**ପଣ୍ଡିତ ସୋମନାଥ ଦାଶ**

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ୧୨ମାସ ମଧ୍ୟରୁ ବୈଶାଖ ମାସ ଅନ୍ୟତମ । ପୁରାଣ ଅନୁସାରେ, ଏହି ମାସରେ ଜଳ ଦାନ କରିବା ଅବା ତୃଷ୍ଣାର୍ତ୍ତଙ୍କୁ ପାଣି ପିଆଇବା ଦ୍ୱାରା ଭଗବାନ ବିଷ୍ଣୁ, ବ୍ରହ୍ମା ଓ ଶିବ ତ୍ରିଦେବ ପ୍ରସନ୍ନ ହୋଇଥାନ୍ତି । ବୈଶାଖ ମାସ ଅପ୍ରେଲ ୧୨ରୁ ଆରମ୍ଭ ହୋଇଛି, ମେ ୧୦ ତାରିଖରେ ଏହା ଶେଷ ହେବ । ଏହି ମାସ ବିଷୟରେ ବେଦରେ ଉଲ୍ଲେଖ ରହିଛି - ବୈଶାଖ ସମାନ ମାସ ନାହିଁ, ସତ୍ୟଯୁଗ ସମାନ ଯୁଗ ନାହିଁ, ବେଦ ସମାନ କିଛି ଶାସ୍ତ୍ର ନାହିଁ ଓ ଗଙ୍ଗା ସମାନ କିଛି ତୀର୍ଥ ନାହିଁ । ଧର୍ମ ଗ୍ରନ୍ଥ ଅନୁସାରେ ସ୍ୱୟଂ ବ୍ରହ୍ମା ବୈଶାଖ ମାସକୁ ସବୁଠାରୁ ଉତ୍ତମ ମାସ ବୋଲି ବିତାଇଛନ୍ତି । ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ବୈଶାଖ ସମାନ କୌଣସି ମାସ ନାହିଁ । ଯିଏ ବୈଶାଖ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରେ, ତାଉପରେ ଭଗବାନ ବିଷ୍ଣୁ ସନ୍ତୁଷ୍ଟି ହୋଇଥାନ୍ତି । ସବୁପ୍ରକାର ଦାନରେ ଯେଉଁ ପୁଣ୍ୟ ମିଳିଥାଏ, ସବୁ ତୀର୍ଥରେ ଯେଉଁ ଫଳ ମିଳିଥାଏ, ବୈଶାଖ ମାସରେ କେବଳ ଜଳଦାନ କରିବା ଦ୍ୱାରା ସମସ୍ତ ପୁଣ୍ୟ ପ୍ରାପ୍ତ ହୋଇଥାଏ । ଧର୍ମ ଗ୍ରନ୍ଥ ଅନୁସାରେ, ଯିଏ ଏହି ମାସରେ ଜଳଦାନ ନକରିପାରେ, ଯଦି ଅନ୍ୟକୁ ଏହି ମାସରେ ଜଳଦାନର ମହତ୍ତ୍ୱ ବୁଝାଏ, ତେବେ ମଧ୍ୟ ତାର ଶ୍ରେଷ୍ଠ ଫଳ ପ୍ରାପ୍ତ ହୋଇଥାଏ । ଏହି ମାସରେ ତୃଷ୍ଣାର୍ତ୍ତଙ୍କୁ ଜଳଦାନ କରିବା ଦ୍ୱାରା ଭଗବାନ ବିଷ୍ଣୁ, ଭଗବାନ ମହାଦେବ ଓ ବ୍ରହ୍ମା ସନ୍ତୁଷ୍ଟ ହୋଇ ଜଳଦାତାର ସର୍ବପାପ ନାଶ କରିଥାନ୍ତି ।

ଅନ୍ୟ ମାନଙ୍କ ପ୍ରତି ସଦୟଭାବ ପୋଷଣ କରିବା ତଥା ଅନ୍ୟ ମାନଙ୍କର ଉପକାର କରିବା ମନୋଭାବକୁ ଦାନଶୀଳତା ବୋଲାଯାଏ । ଦାନ ହିଁ ବିଶ୍ୱପ୍ରେମ । ଦରିଦ୍ରମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ । ଦାନ ବଦାନ୍ୟତାକୁ ବୁଝାଏ । ଅଭାବଗ୍ରସ୍ତଙ୍କୁ ସାହାଯ୍ୟ କରିବା ଲାଗି ଯାହା ଯାହା ଦିଆଯାଏ ତାହା ଦାନ । ବ୍ୟାପକ ଅର୍ଥରେ ଦାନ ପ୍ରେମ, ବଦାନ୍ୟତା ଓ ସଦଭାବନାକୁ ବୁଝାଏ । ବ୍ରହ୍ମଦର୍ଶୀ ମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ । ହୃଦୟକୁ ବିଶାଳ କରିବାକୁ ପଡ଼ିବ । ଧନ ସମ୍ପଦକୁ ତୁଚ୍ଛ ଜ୍ଞାନ କରି ଦରିଦ୍ରମାନଙ୍କର ମଧ୍ୟରେ ବାଣ୍ଟିବାକୁ ପଡ଼ିବ । ଏପରି ଦାନ କଲେ ଆପଣଙ୍କ ଭିତରେ ଅଦ୍ୱୈତ ଜ୍ଞାନ, ସମାଧି ଓ ବିଶ୍ୱପ୍ରେମ ଜାଗ୍ରତ ହେବ ।

**କର୍ମକାଣ୍ଡ ବିଶାରଦ, ସେକ୍ଟର-୭, ସିଡିଏ, କଟକ,**
**ଦୂରଭାଷ : ୭୦୦୮୦୦୦୮୯୮**

# ଓଡ଼ିଆ ନବବର୍ଷ 'ମହାବିଷୁବ ସଂକ୍ରାନ୍ତି'

**ଦିଲ୍ଲୀପ ଶତପଥୀ**

**ଉତ୍କଳ ଭୂମି ଦେବ ଭୂମି। କୋଟି କୈବଲ୍ୟ ନାଥ ମହାପ୍ରଭୁ ଜଗନ୍ନାଥଙ୍କ ଜନ୍ମମାଟି। ଅତି ପ୍ରାଚୀନ କଳା ଭାସ୍କର ଏବଂ ପରମ୍ପରା ସମ୍ପନ୍ନ ରାଜ୍ୟ। ମହାପ୍ରଭୁଙ୍କ ନିମିତ୍ତ ବାର ମାସରେ ତେର ଯାତ, ନାନା ପର୍ବପର୍ବାଣୀ, ଭୋଗରାଗ ଉତ୍କଳୀୟ ସଂସ୍କୃତି ଏବଂ ଆମର ସାମାଜିକ ସ୍ଥିତିକୁ ସମଗ୍ର ବିଶ୍ୱଦରବାରରେ ସମୃଦ୍ଧ ଏବଂ ଅଦ୍ୱିତୀୟ କରିଛି। ଏହାହିଁ ଓଡ଼ିଆମାନଙ୍କ ଜୀବନ ଧାରାକୁ କରିଛି ଶାନ୍ତ, ସରଳ, ସୁନ୍ଦର ଏବଂ ମାର୍ଜିତ। ପ୍ରତି ଓଡ଼ିଆ ଜଗନ୍ନାଥଙ୍କୁ ସମର୍ପିତ ମଣିଷଟିଏ, ଦେବ ଭାବରେ ବଞ୍ଚେ ଏବଂ ଦେବ ଭାବରେ ପରଲୋକ ଗମନ କରେ ସ୍ୱର୍ଗ ଦ୍ୱାର ମାଧ୍ୟମରେ।**

ଏହି ମାଟିର ସାମାଜିକ ଚଳଣି ଏବଂ ପରମ୍ପରାକୁ ନେଇ ପାଳିତ ପର୍ବପର୍ବାଣୀ ମଧ୍ୟରେ ଅନେକ ବିଜ୍ଞାନ ସମ୍ମତ ଏବଂ ଶାରୀରିକ ମାନସିକ ହିତ ପାଇଁ ଉର୍ଦ୍ଦିଷ୍ଟ ଥାଏ। ସୂର୍ଯ୍ୟ ଚନ୍ଦ୍ର, ଗ୍ରହ ନକ୍ଷତ୍ର, ଦିବସ ନିଶି, ନଦୀ ସାଗର, ବାୟୁ ଅମ୍ବର, ମାଟିକୁ ନେଇ ଏ ଜୀବନ। ସରଳ ସୁନ୍ଦର ଜୀବନ ଧାରଣ ପାଇଁ କିଛି ନୀତିକାନ୍ତି, ପର୍ବପର୍ବାଣୀ, ପୂଜା, ଉତ୍ସବ, ମହୋତ୍ସବ ସବୁର ଆୟୋଜନ ଏବଂ ପ୍ରୟୋଜନ।

ସୂର୍ଯ୍ୟ ସକଳ ଶକ୍ତିର ଆଧାର। ଜ୍ୟୋତିଷ ତତ୍ତ୍ୱ ଅନୁଯାୟୀ ରବି ସଂକ୍ରମଣକାଳୀନ ଗ୍ରହଚକ୍ର ଅନୁସାରେ ୧୨ଟି ରାଶିଚକ୍ର ରହିଛି। ଏଣୁ ପୃଥିବୀର ବାର୍ଷିକ ଗତିଦ୍ୱାରା ନିଜ କକ୍ଷପଥରେ ସୂର୍ଯ୍ୟକୁ ପରିକ୍ରମା କରୁଥିବାବେଳେ ବାର ମାସରେ ବିଭିନ୍ନ ଅବସ୍ଥାନରେ ରହି ସୂର୍ଯ୍ୟଙ୍କର ଗୋଟିଏ ରାଶିଚକ୍ର ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ କରୁଥିବା ସମୟକୁ ସଂକ୍ରାନ୍ତି ରୂପେ ଗଣାଯାଏ। ଏହା ହେଉଛି ଓଡ଼ିଆ ମାସର ଆରମ୍ଭ ବା ପ୍ରଥମ ଦିନ। ପ୍ରତି ମାସାରମ୍ଭରେ ଗୋଟିଏ ସଂକ୍ରାନ୍ତି ପଡ଼ିଲେ ଓଡ଼ିଆ ପଞ୍ଜିକାନୁଯାୟୀ ସୂର୍ଯ୍ୟଙ୍କର ରାଶିଚକ୍ର ନାମାନୁସାରେ ସଂକ୍ରାନ୍ତି ଗୁଡ଼ିକ ପହିଲା ବୈଶାଖ ଅର୍ଥାତ ମେଷ ସଂକ୍ରାନ୍ତିରୁ ଆରମ୍ଭ ହୋଇ ଯଥାକ୍ରମେ ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ, ମୀନ ଏହିପରି ବର୍ଷରେ ବାରଟି ସଂକ୍ରାନ୍ତି ପଡ଼ିଥାଏ। ବର୍ଷର ସମସ୍ତ ସୌରମାସ ସଂକ୍ରାନ୍ତି ଅଟେ କିନ୍ତୁ ଅଧିମାସ ବା ମଳମାସ ସଂକ୍ରାନ୍ତି ନୁହେଁ। ଅର୍ଥାତ ଅଧିମାସରେ ସଂକ୍ରାନ୍ତି ନଥାଏ।

ବର୍ଷର ପ୍ରଥମ ସଂକ୍ରାନ୍ତି 'ମହା ବିଷୁବ ସଂକ୍ରାନ୍ତି' ବା 'ପଣା ସଂକ୍ରାନ୍ତି' ଏବଂ 'ହନୁମାନ ଜୟନ୍ତୀ' ଭାବରେ ପାଳନ ହୋଇଥାଏ। ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ 'ବୈଶାଖୀ', ଆସାମରେ 'ବିହୁ', ମିଥିଳାରେ 'ଜୁଇର ଶିତଲ', ବଙ୍ଗଳାରେ 'ନବବର୍ଷ', କର୍ଣ୍ଣାଟକରେ 'ବିଷୁପର୍ବ', କେରଳରେ 'ବିଷୁ' ଏବଂ ତାମିଲନାଡୁରେ 'ପୁଥାଣ୍ଡୁ' ନାମରେ ଏହି ଦିନଟିକୁ ପାଳନ କରାଯାଏ।

ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖିଲେ ପୃଥିବୀକୁ ଦୁଇ ଗୋଲାର୍ଦ୍ଧରେ ବିଭକ୍ତ କରୁଥିବା ବିଷୁବ ରେଖା ଉପରେ ସୂର୍ଯ୍ୟ ବର୍ଷରେ ଦୁଇଥର ଅବତୀର୍ଣ୍ଣ ହୁଅନ୍ତି। ଗୋଟିଏ ଥର ମାର୍ଚ୍ଚ ୨୧ ତାରିଖ ଏବଂ ଅନ୍ୟଥର ସେପ୍ଟେମ୍ବର ୨୩ ତାରିଖ ଦିନ। ଏହି ଦୁଇ ଦିନ ଏବଂ ରାତିର ଅବଧି ୧୨ଘଣ୍ଟା ହିଁ ହୋଇ ଥାଏ। ଏହି ସମୟରେ ସୂର୍ଯ୍ୟଙ୍କର କିରଣ ସିଧାସଳଖ ଭୂମଧ୍ୟ ରେଖା ଉପରେ ପଡିଥାଏ, ଯାହାକୁ 'ଇକୁଇ ନକ୍ସ' ବା ବିଷୁବ ଦିନ କୁହାଯାଏ। ମାର୍ଚ୍ଚ ୨୧ରେ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଋତୁ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଶରତ ଋତୁ ହୋଇଥାଏ। ସେହିପରି ସେପ୍ଟେମ୍ବର ୨୩ରେ ଉତ୍ତର ଗୋଲାର୍ଦ୍ଧରେ ଶରତ ଋତୁ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ବସନ୍ତ ଋତୁ ହୋଇଥାଏ। ଏହି ଦିନରେ ପୃଥିବୀର ଅକ୍ଷ ସୂର୍ଯ୍ୟଙ୍କ ଆଡକୁ କିମ୍ବା ସୂର୍ଯ୍ୟଙ୍କ ଠାରୁ ଢଳି ହୋଇ ନଥାଏ। ଏହି ବିଶେଷ ଦୁଇ ଦିନର ପରବର୍ତ୍ତୀ ସୌର ଚଳନ ବା ସଂକ୍ରାନ୍ତି ଯଥାକ୍ରମେ କାର୍ତ୍ତିକ ମାସର 'ଜଳ ବିଷୁବ' ସଂକ୍ରାନ୍ତି ଏବଂ ବୈଶାଖ ମାସରେ 'ମହା ବିଷୁବ' ସଂକ୍ରାନ୍ତି ନାମରେ ବିଦିତ ହୋଇଥାଏ। ବୈଦିକ ରୀତି ଅନୁସାରେ ସୂର୍ଯ୍ୟ ଦେବଙ୍କ ବିଷୁବ ବିନ୍ଦୁରେ ଅବସ୍ଥାନ ହେଉଛି ବର୍ଷ ଆରମ୍ଭ ମେଷରୁ ବୃଷକୁ ଚଳନ।

ସୂର୍ଯ୍ୟଙ୍କର ସଳଖ କିରଣ ପୃଥିବୀ ଉପରେ ପଡୁଥିବାରୁ, ପୃଥିବୀର ଉତ୍ତାପ ବୃଦ୍ଧି ପାଇଥାଏ। ସେଥିପାଇଁ ଶରୀରକୁ ଠିକ ରଖିବା ପାଇଁ ଏବଂ ପେଟ ଥଣ୍ଡା ପାଇଁ ବୁଟ, ଗହମ, ମଟର ଇତ୍ୟାଦିର ଛତୁ ଖାଇବାକୁ ପଡେ। ବେଲ, ବସା ଦହି, ଫଳରସ, ଟଙ୍କ ତୋରାଣି ଏବଂ ଦେବାଳୟ ମାନଙ୍କରେ କଦଳୀ, ଛେନା, ନବାତ, କର୍ପୁର, ଗୋଲ ମରିଚ, ଶର୍କରା, ଗୋରସ ଇତ୍ୟାଦିରେ ପଣା ତିଆରି କରି ଦେବତାଙ୍କୁ ସମର୍ପଣ କରି ଜନସାଧାରଣଙ୍କୁ ବିତରଣ କରାଯାଇଥାଏ। ଏହି ସଂକ୍ରାନ୍ତିକୁ ସେଥିପାଇଁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। କେହି କେହି ଏହାକୁ ଠେକୀ ସଂକ୍ରାନ୍ତି ବୋଲି ମଧ୍ୟ କୁହନ୍ତି। ଏହି ଦିନ ଘରେ ଘରେ ପଣା ତିଆରି ହୁଏ। ପାରମ୍ପାରିକ ରୀତିନୀତି ଅନୁସାରେ ଏହି ଦିନ ଓଡ଼ିଶାରେ ଘରେ ଘରେ ପଣା ଭୋଗ ହୋଇ ତୁଳସୀ ଗଛରେ ଅର୍ପଣ କରାଯାଇଥାଏ। ଛତୁଆ, ଦହି, ଗୁଡ଼, କଦଳୀ ଓ ନଡିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଏ।

ତେବେ ଏହି ସଂକ୍ରାନ୍ତିର ବିଶେଷତ୍ୱ ହେଉଛି ଘରେ ଥିବା ଚଉରା ଉପରେ ଛୋଟିଆ ଛାମୁଣ୍ଡିଆ (ନଡ଼ିଆ ବାହୁଙ୍ଗା, କଦଳୀ ପଟୁଆରେ ତିଆରି) ତିଆରି ହୁଏ। ଛାମୁଣ୍ଡିଆରୁ ଏକ କଳସୀ ବା ଠେକି ଟିଏ ଝୁଲା ଯାଏ। ଆଉ ଠେକିରେ ଛୋଟ ଛିଦ୍ର କରାଯାଇଥାଏ। ରନ୍ଧ୍ର ଭିତରେ ଏକ କୁଶ ଭର୍ତ୍ତି କରାଯାଏ। ଜଳପୂର୍ଣ୍ଣ ଠେକିରୁ କୁଶ ଦେଇ ବିନ୍ଦୁ ବିନ୍ଦୁ ଜଳ ଚଉରାରେ ଥିବା ତୁଳସୀ ଗଛ ଉପରେ ପଡେ। ତୁଳସୀ ଗଛ ଦିନସାରା ଜଳ ପାଏ।







ଏଥିରେ ପରବର୍ତ୍ତୀ ସଂକ୍ରାନ୍ତି ଯାଏଁ ସବୁଦିନ ଦିନ ଚଉରା ପୂଜା ସମୟରେ ପାଣି ଢଳାଯାଇଥାଏ। ସେହି ଜଳ ତୁଳସୀ ଗଛ ଓ ଚଉରାରେ ପଡିଥାଏ। ଏହାକୁ ବସୁନ୍ଧରା ଠେକି କୁହାଯାଏ। ତୁଳସୀ ଚଉରା ଉପରେ ଜଳଘଟ ସ୍ଥାପନା କରିବାର ଉଦ୍ଦେଶ୍ୟ ଇନ୍ଦ୍ରଦେବଙ୍କୁ ଯଥାଶୀଘ୍ର ବୃଷ୍ଟି ନିମନ୍ତେ ପ୍ରାର୍ଥନା କରିବା। ଏହାର ଆଉ ଏକ କାରଣ ହେଉଛି ଏହି ସମୟରେ ବାହାର ତାପମାତ୍ରା ବହୁତ ଅଧିକ ଥିବାରୁ ପାଣି ଠେକି ଲଗେଇବା ଦ୍ୱାରା ଚଉଁରା ଗଛ ଶୁଖେ ନାହିଁ। କେବଳ ମଣିଷ ନୁହେଁ, ବୃକ୍ଷଲତା, ପଶୁପକ୍ଷୀ ସମଗ୍ର ଜୀବ ଜଗତକୁ ଜଳଦାନର କି ସୁନ୍ଦର ପରମ୍ପରା! ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି ହୋଇଥାଏ।

ମହା ବିଷୁବ ସଂକ୍ରାନ୍ତି ଦିନ ପାଳନ ହୁଏ 'ମହାବୀର ଜୟନ୍ତୀ' ଶ୍ରୀରାମ ଭକ୍ତ ହନୁମାନଙ୍କ ଜନ୍ମଦିନ। ବିଭିନ୍ନ ହିନ୍ଦୁ ପୁରାଣ ଲିଖିତ ତଥ୍ୟ ଅନୁସାରେ ମହାବୀରଙ୍କ ଆବିର୍ଭାବ ସମ୍ପର୍କିତ ସମୟ ଏହି ପବିତ୍ର ସଂକ୍ରାନ୍ତି ଦିନ। ବେଦ, ଜୌତିଷ ଶାସ୍ତ୍ର ଏବଂ ରାମାୟଣ ବର୍ଣ୍ଣନା ମଧ୍ୟ ଏହାର ପ୍ରମାଣ ଦିଏ। ଏହି ମାସରେ ବାୟୁର ଗତି ଅତି ପ୍ରଖର ଥାଏ, ସୂର୍ଯ୍ୟଙ୍କର ତେଜ ବା ଅଗ୍ନିକୋପ ମଧ ଉଚ୍ଚରେ ଥିବା ହେତୁ ବ୍ରହ୍ମାଣ୍ଡର ହିତ ପାଇଁ ପବନ ପୁତ୍ର ହନୁମାନଙ୍କୁ ପୂଜା ଅର୍ଚ୍ଚନା କରି ସନ୍ତୁଷ୍ଟ କରାଯାଏ। ଆହୁରି ମଧ୍ୟ ବାଲ୍ମୀକି ରାମାୟଣ ପଢିବାକୁ ମିଳେ ମହାବିଷୁବ ସଂକ୍ରାନ୍ତି ଦିନ ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କରିବାକୁ ଚାହୁଁଥିଲା। ମାତ୍ର ହନୁମାନ ସୌର ମଣ୍ଡଳରେ ପ୍ରବେଶ କରି ରାହୁର ଗତି ରୋଧ କରିଥିଲେ ଏବଂ ସୂର୍ଯ୍ୟ, ପୃଥିବୀ ରକ୍ଷା ପାଇଥିଲେ। 'ହନୁମାନ ଜୟନ୍ତୀ' ସହିତ ଏହି ଦିନ ଠାରୁ ହିଙ୍ଗୁଳା ପୂଜା ପାଳନ ହୁଏ।

ଚୈତ୍ର ମାସରୁ ଆରମ୍ଭ ହୋଇଥିବା ଦଣ୍ଡ ଯାତ୍ରା ଏହି ବିଷୁବ ସଂକ୍ରାନ୍ତି ଦିନ ଉଦଯାପିତ ହୁଏ। ଦଣ୍ଡ ଯାତ୍ରା ଦକ୍ଷିଣ ଓଡିଶା ବିଶେଷ କରି ଗଞ୍ଜାମ ଜିଲ୍ଲାରେ ବହୁତ ପ୍ରସିଦ୍ଧ। ଏହା ବ୍ୟତୀତ ସମତଳ ଅଞ୍ଚଳରେ ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ, ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି। ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଯାତ୍ରା ଝଙ୍କଡ଼ର ସାରଳା ପୀଠ, ବାଙ୍କୀର ମା ଚର୍ଚ୍ଚିକା ପୀଠ, କାକଟପୁର ମା ମଙ୍ଗଳା ଏବଂ ପୁରୀର ମା ଝାଡ଼େଶ୍ୱରୀ ପୀଠରେ ଅତ୍ୟନ୍ତ ନିଷ୍ଠାର ସହିତ ବିଧିପୂର୍ବକ ପାଳନ କରାଯାଇଥାଏ।

ମହାବିଷୁବ ସଂକ୍ରାନ୍ତିରେ ପୁଣ୍ୟ ପ୍ରାପ୍ତି ନିମନ୍ତେ ବ୍ରାହ୍ମଣ ଏବଂ ଯାଚକ ମାନଙ୍କୁ ଦାନ ଦିଆଯାଏ। କିଛି ସମ୍ପ୍ରଦାୟର ଲୋକେ ଏହି ଦିନ ଠାରୁ 'ଧାନ୍ୟ ବ୍ରତ' ଆରମ୍ଭ କରନ୍ତି। ସେଥିପାଇଁ ଆଠ ଗୋଟି ପଦ୍ମ ପତ୍ର ଉପରେ ଚନ୍ଦନରେ ସୂର୍ଯ୍ୟଙ୍କର ଅଷ୍ଟ ନାମ

୧. ସୂର୍ଯ୍ୟ (ଆଲୋକର ଦେବତା) ୨. ରବି (ତେଜସ୍ୱୀ) ୩. ଭାସ୍କର (ପ୍ରକାଶକ) ୪. ଦିବାକର (ଦିବସର କର୍ତ୍ତା) ୫. ଦିନକର (ଦିନ ସୃଷ୍ଟି କରୁଥିବା) ୬. ମାର୍ତ୍ତଣ୍ଡ (ବ୍ରହ୍ମାଣ୍ଡର ଉତ୍ପତ୍ତି) ୭. ଭାନୁ (କିରଣ) ୮. ସବିତା (ସୃଷ୍ଟିକର୍ତ୍ତା) ଲେଖି ପଦ୍ମ ପତ୍ରଗୁଡିକୁ ଘରର ବିଭିନ୍ନ ଦିଗ ଏବଂ କୋଣରେ ରଖି ସୂର୍ଯ୍ୟଙ୍କୁ ଧ୍ୟାନ କରାଯାଏ। ପୂଜା ଶେଷରେ ବ୍ରହ୍ମଣ ଏବଂ ଶୁଦ୍ର ମାନଙ୍କୁ ମିଷ୍ଟାନ, ଶୁଭ୍ର ବସ୍ତ୍ର ଦାନକରି ସନ୍ତୁଷ୍ଟ କରାଯାଏ।

ଓଡ଼ିଆ ନବବର୍ଷ ଆରମ୍ଭରେ ଶ୍ରୀମନ୍ଦିର ଚଳଚଞ୍ଚଳ ହୋଇ ଉଠେ। ଏହି ଦିନ ସକାଳ ଧୂପ ସରିବା ପରେ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞା ମାଳ ନିଆଯାଇ ଶ୍ରୀମନ୍ଦିର ଚାରି ଦ୍ୱାରରେ ଥିବା ମହାବୀରମାନଙ୍କୁ ଏବଂ ବାରଭାଇ ମହାବୀରଙ୍କୁ ଦିଆଯାଏ। ମହାପ୍ରଭୁଙ୍କ ପାଖରେ ବିଶେଷ ପୂଜା ସହିତ ପଣା ଭୋଗ କରାଯାଏ। ଯାହାକୁ କୁହନ୍ତି 'ବିଷୁବ ପଣା' ଏହାର



ତୁଳନା ମହାପ୍ରସାଦ ସହିତ କରାଯାଏ। ଏହି ପ୍ରସାଦ ରାଜ ନଅରକୁ ପଠାଯାଏ ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ। ପରେ ବଡ଼ ପଣ୍ଡା, ପଢିହାରୀ ସେବକ ଏବଂ ସମସ୍ତ ଭକ୍ତଜନଙ୍କୁ ଅର୍ପଣ କରଯାଏ। ଆନନ୍ଦ ବଜାର ଏବଂ ଚାରି ଦ୍ୱାରରେ ଭକ୍ତଗଣଙ୍କୁ ଟଙ୍କ ତୋରାଣିରେ ଆପ୍ୟାୟିତ କରାଯାଏ। ଏହି ଦିନ ମହାପ୍ରଭୁଙ୍କ ପାଖରେ ନୂତନ ପାଞ୍ଜି ପୂଜା କରାଯାଏ। ଓଡ଼ିଆ କୋହିନୁର ପଞ୍ଜିକା ଉନ୍ମୋଚନ ହୁଏ। ପୁରା ବର୍ଷ ବିଶ୍ୱ ପାଇଁ ମଧୁମୟ ହେବା ପାଇଁ ପ୍ରାର୍ଥନା କରାଯାଏ। ପ୍ରଥମ ପାଞ୍ଜି ମୁକ୍ତି ମଣ୍ଡପକୁ ଆସେ, ତା'ପରେ ଭକ୍ତ ଗଣଙ୍କୁ ବିକ୍ରି କରାଯାଏ। ଏହି ଦିନ ପୁରୀର ଆଖଡ଼ା ମାନଙ୍କରେ ସେବାୟତ, ମଲ୍ଲମାନେ ଗତାନୁଗତିକ ପ୍ରତିଯୋଗିତା କରନ୍ତି। ସମସ୍ତଙ୍କୁ ଛତୁଆ, ପଣା ବଣ୍ଟନ କରାଯାଏ।

ଆଧୁନିକତାରେ ବିଭୋର ହୋଇ ପ୍ରତିଯୋଗିତା ମୂଳକ ଜୀବନ ଯାପନ ଏବଂ ବସ୍ତୁବାଦୀ ଦୁନିଆରେ ମଣିଷ ଭୁଲିଯାଉଛି ନିଜ ସଂସ୍କୃତି, ପରମ୍ପରା ଏବଂ ଭାଇଚାରାକୁ। ସହରୀ ଲୋକଟିଏ ଡିସେମ୍ବର ୩୧ ମଧ ରାତ୍ରିରେ ବାଣ ଫୁଟାଇ, କେକ୍ କାଟି ଜାନୁଆରୀ ପହିଲା ଦିନ ମଦ ମାଂସରେ ନାମୀଦାମୀ ହୋଟେଲ, କ୍ଲବରେ ନବବର୍ଷ ପାଳନ କରେ। ଗାଁରେ ରହୁଥିବା ସାଧାରଣ ମଣିଷଟି ନିଜର ଭିଟାମାଟିକୁ ଜାବୁଡି ଧରି ଏବେବି ବଞ୍ଚିଛି ତାର ଐତିହ୍ୟ ଏବଂ ପରମ୍ପରାକୁ ନେଇ। ପରିବାର ଏବଂ ଆତ୍ମୀୟ ସ୍ୱଜନଙ୍କ ସୁଖ









ପ୍ରତିଫଳନ





ମନାସୁଛି, ଗ୍ରାମ ଦେବତୀ ପାଖରେ ଦୀପ ଟିଏ ଜାଳି ମୁଣ୍ଡିଆ ମାରୁଛି । ଐତିହ୍ୟ ଅନୁରାଗୀ ମଣିଷଟି ତା'ର ନୁଆଁଣିଆ ଚାଳଘର ହେଉ ଅବା ବହୁତଳ କୋଠା ଘର ଅଗଣାରେ ହେଉ, ବୃନ୍ଦାବତୀ ଚଉରା ଉପରେ ପଣା ଘଡିଟିଏ ଟାଙ୍ଗି ଦେଇ ପଣା ଭୋଗ କରେ ଏବଂ ସାଇଭାଇ, ଜ୍ଞାତି କୁଟୁମ୍ବଙ୍କ ଘରେ ପହଞ୍ଚାଇ ଦିଏ । ସମସ୍ତଙ୍କର ଶୁଭ ମନାସେ । ଏବେ ବି ଆଶା ଅଛି ଯେତେ ଆଧୁନିକ ହେଲେ ବି ଓଡ଼ିଆ ତା'ର ଜଗନ୍ନାଥ ସଂସ୍କୃତି, ନିଜ ପରମ୍ପରା କେବେବି ଭୁଲିବ ନାହିଁ । ଦେବାଳୟ ଗ୍ରାମରେ ହେଉ ଅବା ସହରରେ ଏ ମଥା ସବୁଠି ନଇଁଯାଏ । ଆମର ଭବିଷ୍ୟ ପିଢ଼ିକୁ ଗଢିବାର ଉତ୍ତରଦାୟିତ୍ୱ ସମସ୍ତଙ୍କର । ଶିକ୍ଷାଦୀକ୍ଷା, ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ, ନାରୀ ପୁରୁଷ ନିର୍ବିଶେଷରେ ନିଜର କଳା ସଂସ୍କୃତି, ପରମ୍ପରା, ପୂଜା ପର୍ବପର୍ବାଣୀ, ଓଷା ବ୍ରତ ସବୁ ପାଳନ କରିବା ଏବଂ ଅନ୍ୟକୁ ପାଳନ କରିବା ପାଇଁ ପ୍ରବର୍ତ୍ତାଇବା ହିଁ ପ୍ରକୃତ ଭାଇଚାରା ।

ଆସ ଆସ ନବ ସମ୍ବତ୍ସର ତବ ପୟରେ ଅଭିବାଦନ,
ହରି ଦୁଃଖ ଭାର ଉତ୍କଳ ପ୍ରଜାର, କର ମଙ୍ଗଳ ସାଧନ ।
ଉତ୍କଳ ଜୀବନେ ପଶି ନବ ବଳ,
ନବ ଆଶା ପଥ କରୁଛି ଉଜ୍ଜ୍ୱଳ ।

**ସ୍ୱଭାବ କବି ଗଙ୍ଗାଧର ମେହେର**
**ମାତୃପିତୃ କୃପା, ୫୦, ନୂଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର, ମୋ-୯୪୩୭୧୭୫୭୬୪**

**ମନକୁ ଆସିଲା ଯାହା ୬୫**

# ଡେଲିଭରୀ ବୟର କାହାଣୀ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଆଜିକାଲି ରାଘବ ଚଡ୍ଢା ଖୁବ ଚର୍ଚ୍ଚାରେ ଅଛନ୍ତି । ଦେଶର ଏହି ସାଂସଦ ଜଣକ ସିନା ଏକ ରାଜନୈତିକ ପାର୍ଟିରୁ ନିଲମ୍ବିତ ହୋଇଛନ୍ତି, ମାତ୍ର ସାଂପ୍ରତିକ ସମୟରେ କିଛି ତଥ୍ୟ ସମ୍ମତ ପ୍ରକୃତ ଘଟଣାର ଉଦାହରଣ ଦେଇ ସଂସଦରେ ପ୍ରଶ୍ନ ପଚାରି ଅନେକ ସମୟରେ ସରକାରଙ୍କୁ ମଧ୍ୟ ଅସହଜ ସ୍ଥିତିରେ ପକାଉଛନ୍ତି । ଅଳ୍ପଦିନ ତଳେ ତାଙ୍କର ଏକ ଭିଡିଓ ମୁଁ ଦେଖିଥିଲି, ଯେଉଁଥିରେ ସେ ହିମାଂଶୁ ନାମକ ଜଣେ ଡେଲିଭରୀ ବୟ (ଖାଦ୍ୟ ବିତରକ) ଙ୍କୁ ନିଜଘରକୁ ଡାକି ସାଙ୍ଗରେ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନ କରେଇଥିଲେ । ଏବେର ସ୍ୱିଗୀ, ଜୋମାଟୋ, ଜେପ୍ଟୋ, ରାପିଡୋ ଆଦିର ପ୍ରଚଳନ ଏତେ ବଢିଗଲାଣି ଯେ, ନିପଟ ମଫସଲକୁ ଛାଡିଦେଲେ ଅନ୍ୟକାହାପାଇଁ ଏସବୁ ଆଉ ଅପହଞ୍ଚ ହୋଇ ରହିନାହିଁ । ଖାଦ୍ୟଠୁଁ ନେଇ ଘରକରଣା ସାମଗ୍ରୀ, ଲୁଗାପଟା ଜୋତା ଠୁଁ ନେଇ ଇଲେକ୍ଟ୍ରି ସରଞ୍ଜାମ ଓ ଅନ୍ୟାନ୍ୟ ଯାବତୀୟ ଜିନିଷର ଡେଲିଭରୀ କରନ୍ତି ଏମାନେ । ପ୍ରତିଟି ଡେଲିଭରୀରେ ମିଳେ କମିଶନ ୧୨-୧୫ ଟଙ୍କା, ପୁଣି ସବୁତକ ଅର୍ଡର ଠିକ ସମୟରେ ଠିକଣା ଜାଗାରେ ପହଞ୍ଚେଇବାର ଅତିରିକ୍ତ ବୋଝ ବି ଲଦି ଦିଆଯାଏ । ବେଳେବେଳେ ପ୍ରତିସ୍ପର୍ଦ୍ଧୀ ବଜାରରେ ନିଜ ଆଡକୁ ଗ୍ରାହକଙ୍କୁ ଲୋଭେଇବାକୁ କେତେ ଫନ୍ଦି ଫିକର । କିଏ ସେହି ସମାନ ଦିନ ଡେଲିଭରୀର ଭରସା ଦିଏ ତ ଆଉକିଏ କିଛି ଘଣ୍ଟା ଭିତରେ ଜିନିଷ ପହଞ୍ଚେଇ ଦେବାର ଦୃଢୋକ୍ତି କରେ । ପୁଣି ବ୍ଲିଙ୍କିଟ୍ ପରି କିଛି ସଂସ୍ଥା ୧୦ ମିନିଟ୍‌ରେ ବି ଜିନିଷ ପହଞ୍ଚେଇ ଦେବାର ନଜୀର ଅଛି ।

ଏଇଠି ହିଁ ଆରମ୍ଭ ହୁଏ ଜୀବନକୁ ବାଜି ଲଗେଇ ଦୌଡିବାର ଖେଳ । ଆମେ ସିନା ଘରୁ ଗୋଡ କାଢ଼ିବାନି ବୋଲି ମୋବାଇଲରେ ଆଙ୍ଗୁଳି ଟିପରେ ଅର୍ଡର କରିଦେଇ ନିଶ୍ଚିତରେ ବସିଗଲୁ, ସେପଟେ କେହିଜଣେ ସେହି ଜିନିଷ ଖୋଜିବ, ପ୍ୟାକେଟ କରିବ, ବିଲ ପ୍ରସ୍ତୁତ କରିବ ଏବଂ ରାସ୍ତାରେ ଗାଡ଼ି ଚଳେଇ ଆସି ଆମ ଦ୍ୱାର ସାମ୍ନାରେ ପହଞ୍ଚେଇବ ମାତ୍ର ୧୦ ମିନିଟରେ । ଆମର ଟିକିଏ ସୁବିଧା ପାଇଁ ପ୍ରାୟ ୪-୬ ଜଣ ଲୋକଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଘଣ୍ଟା କଣ୍ଟାର ଟିକଟିକ ସମୟ ସହ ସ୍ଫୁର୍ତ୍ତିର ସହ କାମ କରିବା ଦେଖିଲେ, ମନରୁ ସ୍ୱତଃ ସେମାନଙ୍କ ପାଇଁ ଧନ୍ୟବାଦଟିଏ ବାହାରି ଆସିବ । ମାତ୍ର ଆମ ଭିତରୁ କେଇଜଣ ଡହଡହ ଖରାରେ ଧାଇଁ ଆସି ଆମକୁ ଜିନିଷ ପହଞ୍ଚେଇଥିବା ଡେଲିଭରୀ ବୟକୁ ପାଣିଗ୍ଲାସେ ବଢ଼େଇଛୁ କହିଲେ ? କେଇଜଣ ପଚାରିଛୁ, ବାବୁରେ, ଖାଇଛୁ କି ନାହିଁ... ? ବୋଧେ ସଭିଙ୍କର ଉତ୍ତର ହେବ..ନାଁ... !

ଏବେ ପୁଣି ହାଇଦ୍ରାବାଦରୁ ଆସିଛି ଖବରଟିଏ । ରାତି ୨ ଟାରେ ଖାଦ୍ୟ ମଗେଇଥିଲେ ଗ୍ରାହକ । ଡେଲିଭରୀ ବୟ ମଧ୍ୟ ଆଣି ପହଞ୍ଚେଇଦେଲେ ସୋସାଇଟି/ ଆପାର୍ଟମେଣ୍ଟର ପ୍ରବେଶ ଦ୍ୱାର ପାଖରେ । ମାତ୍ର ୭ ମହଲା ଉପରେ ରହୁଥିବା ଗରାଖ ନଛୋଡବନ୍ଧା, ମୋତେ ଉପରେ ଆଣି ମୋ ଘର ସାମ୍ନାରେ ହିଁ ଡେଲିଭରୀ ଦରକାର । ଏଣେ ଆପାର୍ଟମେଣ୍ଟରେ କଡ଼ା ନିୟମ ହେଇଛି, ଫେରିବାଲା କି ଡେଲିଭରୀ ବୟ କିମ୍ବା ଅନ୍ୟ କୌଣସି ଘରୋଇ ଚାକର ବାକର ଲିଫ୍ଟର ବ୍ୟବହାର କରିପାରିବେନି । ଯଦି କେହି ଧରା ପଡିଲେ ତେବେ ୫୦୦ ଟଙ୍କା ଜୋରିମାନା ଆଦାୟ କରାଯିବ । ସତେ ଯେମିତି ଲିଫ୍ଟ ଟି କେବଳ ମାଲିକ ଓ ଧନୀବ୍ୟକ୍ତି ମାନଙ୍କ ପାଇଁ ଉଦ୍ଦିଷ୍ଟ । ଏ ଡେଲିଭରୀ ବୟ ଜଣକ ଯେତେ ନେହୁରା ହେଲେବି ଗରାଖ ଶୁଣିଲେନି, ଓଲଟି ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାର ଧମକ ଦେବାରୁ ଅଗତ୍ୟା ବାଧହୋଇ ସେ ଶିଢି ଚଢି ୭ ମହଲାରେ ପହଞ୍ଚି ଖାଦ୍ୟ ଡେଲିଭରୀ କରିଲେ । କେତେ ଅମାନବୀୟ ଅତ୍ୟାଚାର କହିଲେ..!! ଏପରି ସମ୍ବେଦନାହୀନ ମଣିଷକୁ ଆପଣ କଣ କହିବେ.. ? ?

ମାଲିକ/ଗରାଖ ଚାହିଁଥିଲେ କ'ଣ ଟିକେ କଷ୍ଟକରି ତଳକୁ ଆସି ଡେଲିଭରୀ ଗ୍ରହଣ କରିପାରି ନଥାନ୍ତେ । ଇଣ୍ଟରନେଟ୍‌ରେ ଏବେ ଏଇ କଥାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା ବେଳେ ରାଇଦୁର୍ଗରୁ ଆସିଛି ଆଉଗୋଟେ ଖବର । ଗୋଟେ ଆପାର୍ଟମେଣ୍ଟ ର ୩ୟ ମହଲାକୁ ଶିଢି ଚଢି ଡେଲିଭରୀ ଦେବାକୁ ଯାଇଥିବା କର୍ମଚାରୀ ଜଣକ ଗରାଖଙ୍କ କୁକୁର ଭୟରେ ତଳକୁ ଡେଇଁ ପଡି କ୍ଷତାକ୍ତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି । ଏତେ ଭୟାନକ ଜର୍ମାନ ସେଫର୍ଡ କୁକୁରଟିକୁ ଗରାଖ ଡେଲିଭରୀ ନେବାପାଇଁ କବାଟ ଖୋଲିବା ପୂର୍ବରୁ ଭଲକରି ବାନ୍ଧି ରଖିବା କଥା କି ନୁହେଁ... ! ସେତକ ନକରିଥିବାରୁ ଏ ଡେଲିଭରୀ ବୟ ଜଣକଙ୍କ ଜୀବନ ଯାଉଯାଉ ଅଳ୍ପକେ ବଞ୍ଚିଛି । ଆମ ସମୟର ଯୁବଗୋଷ୍ଠୀଙ୍କର ଅଜବ ଚିନ୍ତାଧାରା ବେଳେବେଳେ ଏପରି ରୋଚକ ଖବର ସବୁ ତିଆରି କରୁଛି ଯେ, ଆପଣ ନହସି ରହିପାରିବେନି । ମୁମ୍ବାଇର କରଣ ନିଷାଦ ନାମକ ରାପିଡୋର ଡେଲିଭରୀ ବୟ ଯେବେ ଗ୍ରାହକଙ୍କ ଘରୁ କାର୍ଡବୋର୍ଡ ବାକ୍ସଟି ଗ୍ରହଣ କଲେ ସେଥିରେ କିଛି ବି ବୈଚିତ୍ର୍ୟ ନଥିଲା । କିନ୍ତୁ ଡେଲିଭରୀ ଠିକଣାରେ ପହଞ୍ଚି କାହାରିକୁ ନପାଇ ସେ ଗ୍ରାହକଙ୍କୁ ଫୋନ କରିବାରୁ ସେ କହିଲେ ଯେ, ତାହା କିଛି ଦରକାରୀ ଜିନିଷ ନୁହେଁ, ବରଂ ଡଷ୍ଟବିନରେ ଫିଙ୍ଗିବାକୁଥିବା ଘରର ଅଳିଆ ତକ । ସେଗୁଡିକୁ ସେ ସେଇଠି ଫିଙ୍ଗିଦେଇ ଯାଇପାରିବେ ।

ନନ୍ଦିତା ଦାସଙ୍କ ନିର୍ଦ୍ଦେଶିତ, କପିଲ ଶର୍ମାଙ୍କ ଅଭିନୀତ 'ଜ୍ୱିଗାଟୋ' ଚଳଚ୍ଚିତ୍ରରେ 'ମାନସ' ନାମକ ଚରିତ୍ର ମାଧ୍ୟମରେ ଆମେ ଏକ ଡେଲିଭରୀ ବୟର ଜୀବନର ଦୁଃଖ, ଦୈନ୍ୟ ଓ ସଂଘର୍ଷକୁ ଦେଖିଛୁ । କିନ୍ତୁ ଝାଡ଼ଖଣ୍ଡର ଗୁମଲା ଜିଲ୍ଲାର ସ୍ୱିଗୀ ଡେଲିଭରୀ ବୟ ସୁରଜ ଗୋୟଲଙ୍କୁ ଆଜି ଲୋକସେବା ପରୀକ୍ଷାରେ ୧୧୦ତମ ସ୍ଥାନ ଅଧିକାର କରି ଡେପୁଟୀ କଲେକ୍ଟର ରୁପରେ ଦେଖି ଆମେ ବିଶ୍ୱାସ କରିପାରୁନାହୁଁ । ଏଇଠି ପୁଣି ଚେନ୍ନାଇର ଜଣେ ଡେଲିଭରୀ ବୟଙ୍କ କାହାଣୀ ଅଛି, ଯିଏ ରାତି ୨ଟା ରେ ଅର୍ଡର ପାଇଲେ 'ମୂଷାବିଷ'ର ଏବଂ ୩୦ ମିନିଟରେ ପହଞ୍ଚେଇବାର ପ୍ରତିଶ୍ରୁତି ସହ ତୁରନ୍ତ ବାହାରିଗଲେ ଡେଲିଭରୀ ଦେବା ପାଇଁ । କିନ୍ତୁ ଗ୍ରାହକ ମହିଳା ଜଣଙ୍କ ସହ ଫୋନରେ କଥା ହେଲା ବେଳେ ସେ କାନ୍ଦୁଥିବାର ଜାଣିପାରି କିଛି ମାନସିକ ଅଶାନ୍ତିର ଅନୁମାନ କରିନେଲେ । ସେ ଡେଲିଭରୀ ଦେବାକୁ ଯାଉଥିବା ମୂଷାବିଷ ଦ୍ୱାରା କିଛି ଅଘଟଣ ଘଟିବାର ଆଶଙ୍କା କରି, ଆଉ ଡେଲିଭରୀ ଦେଲେ ନାହିଁ । ନିଜ ଆଡୁ ଅର୍ଡର କ୍ୟାନସଲ କରିଦେଇ କିଛି ଟଙ୍କାର ଜୋରିମାନା ଭରିଦେଲେ ସିନା ହେଲେ ପରଦିନ ୩ଟି ଜୀବନ ବଞ୍ଚେଇଥିବାର ଖବର ମିଳିବାରୁ ଚାରିଆଡୁ ପ୍ରଶଂସା ସାଉଁଟିଲେ । ଅସଲରେ ଗ୍ରାହକ ଭଦ୍ରମହିଳା ଜଣକ ଘରୋଇ କଳିରୁ ଆତ୍ମହତ୍ୟା କରିବା ପାଇଁ ହିଁ ମୂଷାବିଷ ମଗେଇଥିଲେ । ଦେଖିଲେ ତ' ସେହି ଡେଲିଭରୀ ବୟଙ୍କର ସାମାନ୍ୟ ସମ୍ବେଦନଶୀଳତା ପାଇଁ ୩ଟି ଜୀବନ ରହିଗଲା ।

ବିଶାଖାପାଟଣାର ଶେଖ ଅବଦୁଲ ସତ୍ତାର ଦିନରେ ସ୍ୱିଗୀ/ଜୋମାଟୋର ଡେଲିଭରୀ କରି ରାତିରେ ଷ୍ଟ୍ରୀଟ୍‌ଲାଇଟ ତଳେ ପାଠ ପଢି ଆଜି ସଫ୍ଟୱେର ଇଞ୍ଜିନିୟର ହୋଇପାରିଛନ୍ତି । ଆପଣଙ୍କର ମନେଥିବ, ପୁନେର ସେହି ଏକହାତ ପାରାଲିସିସ ହୋଇଯାଇଥିବା ଜୋମାଟୋ ଡେଲିଭରୀ ବୟଙ୍କ କାହାଣୀ । ଗ୍ରାହକଙ୍କ ଫେସ୍‌ବୁକ୍ ପୋଷ୍ଟ ପରେ ସେ ଭାଇରାଲ ହୋଇଯାଇଥିଲେ । ସେ ଭୁଲରେ ରେଷ୍ଟୁରାଣ୍ଟରୁ ଗୋଟେ ଅର୍ଡରର ୩ଟି ଖାଦ୍ୟରୁ ଗୋଟେ ଛାଡି ଆସିଥିଲେ । ଗ୍ରାହକ ରେଷ୍ଟୁରାଣ୍ଟର ଦୂରତା ଏବଂ ତାଙ୍କର ଅସହାୟ ଅବସ୍ଥା ଦୃଷ୍ଟିରୁ ଅଭିଯୋଗ କରିନଥିଲେ ମଧ୍ୟ ଏବଂ ରେଷ୍ଟୁରାଣ୍ଟ ନିଜ ଆଡୁ ୨୦ ଟଙ୍କା ଅଧିକ ଯାଚିଲେ ମଧ୍ୟ, ସେ ନିଜ ଖର୍ଚ୍ଚରେ ପୁଣି ପୁରା ବାଟ ଫେରିଯାଇ ପୁଣିଥରେ ସଠିକ ଅର୍ଡର ଧରି ଆସିଲେ । ଅନ୍ୟଜଣେ ଜୋମାଟୋ ଡେଲିଭରୀ ବୟ ନିର୍ଦ୍ଦିଷ୍ଟ ଠିକଣାରେ ପହଞ୍ଚି କାହାରିକୁ ନପାଇ ଗ୍ରହୀତାଙ୍କୁ ଫୋନ କରିବାରୁ, ସେପଟୁ ଅନୁରୋଧ ଆସିଲା ଯେ ସେ ୨ ଦିନହେଲା ଗୋଟେ ବାହାଘରକୁ ଯାଇଛନ୍ତି ଓ ପାଖରେ ଥିବା ଭୋକିଲା ବୁଲା କୁକୁରମାନଙ୍କୁ ସେହି ଖାଦ୍ୟ ଖୁଏଇଦେବାକୁ ଅନୁରୋଧ । ଏପଟେ ଡେଲିଭରୀ ବୟ ଜଣକ, ସେ ଅନୁରୋଧ ମଧ୍ୟ ରକ୍ଷା କଲେ । ମୁମ୍ବାଇରେ ଜଣେ ଡେଲିଭରୀବୟ ବାରମ୍ବାର ଟ୍ରାଫିକ ସିଗନାଲରେ ଫସିରହିବାରୁ ନିଜ ପରି ଅନ୍ୟ ଡେଲିଭରୀ ବୟମାନଙ୍କ ପାଇଁ ମଧ୍ୟ ଆରମ୍ଭ କରିଛନ୍ତି 'ଟ୍ରାଫିକ ବଡାପାଓ୍ୱ' ଦୋକାନ ।

ମୁଁ ନିଜେ କେତେଥର ରାତି ଅଧରେ ଅର୍ଡର କରିଛି ଏବଂ ଦେଖିଛି ସେମାନଙ୍କ ତତ୍ପରତା । କି ଖରା କି ବର୍ଷା ଶୀତ କାକର, ପେଟ ଚାଖଣ୍ଡକର ଦାୟରେ ସେମାନେ ଆମର ଦୁଆର ଯାଏଁ ଆସନ୍ତି ସିନା, ସେମାନେ ବି କାହାର ପିତା, ପୁତ୍ର କି ଭାଇ ନହେଲେ ସ୍ୱାମୀ ହେଇଥିବେ ନିଶ୍ଚୟ । ଆମେ ସେମାନଙ୍କୁ ଡେଲିଭରି ବୟ କହି ନାକ ଟେକିଦେଲେ ହେବ ନାହିଁ । ବରଂ ସେମାନଙ୍କୁ ମଧ୍ୟ ଶ୍ରଦ୍ଧା ଓ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଇପାରିଲେ ହିଁ ସେମାନଙ୍କୁ ଆଉ 'ଗିଗ୍ ଓ୍ୱର୍କର'ର ପରିଚୟ ନେଇ ବଞ୍ଚିବାକୁ ପଡିବନି । ଆମର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ, ଆମର ଆବଶ୍ୟକତାରୁ ହିଁ ସେମାନଙ୍କର ଜନ୍ମ । ପୁଣି କରୋନା ହୁଏତ ସେମାନଙ୍କୁ ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବନେଇଦେଲା । କେବେ ଦିନେ ଭଲ ଚାକିରୀ କି ଅନ୍ୟ କିଛି ବେଉସା କରୁଥିବା ଲୋକ ବି ଅସହାୟତାରେ ଆଜି ଡେଲିଭରୀ ବୟ ପାଲଟି ଥାଇପାରେ । ଆମେ ସେମାନଙ୍କୁ ତୁଚ୍ଛ ନଜରରେ ନଦେଖି, ଇତର ବୋଲି ଆଡ଼ଆଖିରେ ନଚାହିଁ, ତୁମ ଆମ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କଲେ, କେତେ ବଢିଆ ହୁଅନ୍ତା ନି ସତରେ.. ? ନା କଣ କହୁଛନ୍ତି..!!

**-ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ମୟୂର ପିଚ୍ଛ ହେୟାର୍ କ୍ଲିପ୍

**ଅଧିକାଂଶ ମହିଳା ନୂଆ ନୂଆ ଡିଜାଇନ୍‌ର ହେୟାର୍ ଷ୍ଟାଇଲ୍ କରିବାକୁ ପସନ୍ଦ କରନ୍ତି। ଯଦି ଆପଣ କୌଣସି ବିଶେଷ ଉତ୍ସବରେ କେଶକୁ ଆକର୍ଷଣୀୟ କରିବାକୁ ଚାହୁଁଛନ୍ତି, ତେବେ ହେୟାର ଷ୍ଟାଇଲ ସହିତ କିଛି ଅତ୍ୟାଧୁନିକ ଏବଂ ଡିଜାଇନର୍ ମୟୂର ପିଚ୍ଛ ଆସେସୋରିଜ୍ ସାମିଲ୍ କରିପାରିବେ। ଲାଟେଷ୍ଟ ମୟୂର ପିଚ୍ଛ ହେୟାର୍ ଆସେସୋରିଜ୍‌ର ଡିଜାଇନ୍ ବିଷୟରେ ତଳେ କିଛି ଟିପ୍ସ ଦିଆଯାଇଛି।**

### ମୟୂର ପିଚ୍ଛ ହେୟାର କ୍ଲିପ୍

ଆପଣ କୌଣସି ବିଶେଷ କାର୍ଯ୍ୟ କିମ୍ବା ଇଭେଣ୍ଟରେ ଯାଉଛନ୍ତି ଏଥିପାଇଁ ପୋଷାକ ସହିତ ମେକଅପ୍ ଏବଂ ହେୟାର୍ ଷ୍ଟାଇଲ୍ ଉତ୍ତମ ବିକଳ୍ପ ହୋଇପାରେ। ତେବେ ଆପଣଙ୍କ ଷ୍ଟାଇଲ ହିସାବରେ ଡାର୍କ ବ୍ଲୁ ପତ୍ର ସହିତ ମୟୂର ପିଚ୍ଛ ହେୟାର କ୍ଲିପ୍ ଆସେସୋରିଜ୍ ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଏହିପରି ଆସେସୋରିଜ୍ ଆପଣଙ୍କ ଲୁକ୍‌କୁ ଆକର୍ଷଣୀୟ କରିବ। ଏହି ପ୍ରକାରର ଆସେସୋରିଜ୍ କେବଳ ଆପଣଙ୍କ କେଶକୁ ସୁନ୍ଦର କରେ ନାହିଁ ବରଂ ପୂରା ଷ୍ଟାଇଲିସ୍‌କୁ ବଦଳେଇ ଦେବାରେ ମଧ୍ୟ ସାହାଯ୍ୟ କରେ।

### ତିନୋଟି ମୟୂର ପିଚ୍ଛ ହେୟାର କ୍ଲିପ୍ ଆସେସୋରିଜ୍

ହେୟାର୍ ଷ୍ଟାଇଲ୍ ସୌନ୍ଦର୍ଯ୍ୟ ବଢ଼ାଇବା ସହ ଲୁକ୍‌କୁ ଭିଡ଼ରୁ ହଟ୍‌କର କରିଥାଏ। ଆପଣ ଏହିପରି ସୁନ୍ଦର ମୟୂର ଡିଜାଇନ୍‌ର ତିନୋଟି ମୟୂର ପିଚ୍ଛ ହେୟାର୍ କ୍ଲିପ୍ ଆସେସୋରିଜ୍ ଟ୍ରାଏ କରିପାରିବେ। ଅଧିକାଂଶ ମହିଳା ଆଜିକାଲି ଏହିପରି ହେୟାର ଆସେସୋରିଜ୍ ପସନ୍ଦ କରନ୍ତି। ଯାହା ଆପଣଙ୍କ ପାଇଁ ମଧ୍ୟ ଏକ ସର୍ବୋତ୍ତମ ବିକଳ୍ପ ହୋଇପାରେ।

### ସିଲ୍ଭର ଫୁଲ ଏବଂ ମୟୂର ପିଚ୍ଛ କ୍ଲିପ୍

ଯଦି ଆପଣ ଏକ ବିଶେଷ ପାର୍ଟିରେ ଯାଉଛନ୍ତି କେଶକୁ ଖୁବ୍ ସୁନ୍ଦର ଡିଜାଇନ୍ ଦେବାକୁ ଚାହୁଁଛନ୍ତି ତେବେ ଏହି ହେୟାର୍ ଷ୍ଟାଇଲ୍‌ଟିକୁ ବାଛିପାରିବେ। ବର୍ତ୍ତମାନ ଏହି ସ୍ଲିଭର୍ ଫୁଲ ସହିତ ମୟୂର ପିଚ୍ଛ ହେୟାର୍ ଆସେସୋରିଜ୍ କ୍ଲିପ୍ କାଫି ଟ୍ରେଣ୍ଡରେ ରହିଛି। ଆପଣ ଏହି ପ୍ରକାରର ହେୟାର୍ କ୍ଲିପ୍ ମଧ୍ୟ ବଜାରରେ ପାଇପାରିବେ।

### ଗଜରା ସହିତ ମୟୂର ପିଚ୍ଛ

ଆପଣଙ୍କ ମେକ୍‌ଅପ୍ ବକ୍ସରେ ହେୟାର୍ ଆସେସୋରିଜ୍ ସାମିଲ୍ କରିବାକୁ ପସନ୍ଦ କରନ୍ତି, ତେବେ ଏହି ହେୟାର୍ କ୍ଲିପ୍‌ଟିକୁ ଟ୍ରାଏ କରିପାରିବେ। ବର୍ତ୍ତମାନ ଗଜରା ସହିତ ଏହିପରି ମୟୂର ପିଚ୍ଛ ହେୟାର୍ ଆସେସୋରିଜ୍ ଚେଷ୍ଟା କରନ୍ତୁ। ଏହି ପ୍ରକାରର ଆସେସୋରିଜ୍ ଆପଣଙ୍କ କେଶକୁ ଆକର୍ଷଣୀୟ କରିବାରେ ସାହାଯ୍ୟ କରେ। ଯେକୌଣସି ପାର୍ଟି କିମ୍ବା ଫଙ୍କସନ୍ ସମୟରେ ଏହି ପ୍ରକାରର ହେୟାର୍ ଷ୍ଟାଇଲ୍ କରି ଲୁକ୍‌କୁ ଉନ୍ନତ କରନ୍ତୁ।




ରୋଷେଇ ଘରୁ

# ସାଗୁ ରସମଲେଇ

**ଆବଶ୍ୟକ ସାମଗ୍ରୀ:** ସାଗୁ-୨୦୦ ଗ୍ରାମ, ଚିନି, ମିଲ୍କ ପାଉଡ଼ର-୪ଚାମଚ, ଗୁଜୁରାତି ଗୁଣ୍ଡ, କ୍ଷୀର-୫୦୦ ଗ୍ରାମ, ଲୁଣ, କେଶର, ଗୋଲାପ ଜଳ-୪ ବୁନ୍ଦା, ଡ୍ରାଏ ଫୁଡ୍।

**ପ୍ରଣାଳୀ:** ପ୍ରଥମେ ସାଗୁ ଦାନାକୁ ଧୋଇ ୨୦ରୁ୨୫ ମିନିଟ୍ ପାଇଁ ଭିଜେଇ ରଖିବେ। ଭିଜେଇ ରଖିଥିବା ସାଗୁ ଦାନାକୁ ହାଲୁକା ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହାକୁ ଗୋଟିଏ ଗିନାରେ କାଢ଼ି ସେଥିରେ ମିଲ୍କ୍ ପାଉଡ଼ର, ଚିନି, ଲୁଣ, ଗୁଜୁରାତି ପାଉଡ଼ର ଦେଇ ହାତରେ କିଛି ସମୟ ପାଇଁ ଚକଡ଼ି ନେବେ। ହାତରେ ଘିଅ ଲଗାଇ ସାଗୁକୁ ବଲ୍ ପରି କରି ପ୍ଲେଟ୍‌ରେ ରଖନ୍ତୁ। ପ୍ୟାନରେ କ୍ଷୀରକୁ ଭଲ ଭାବେ ଫୁଟାଇବେ। ଏଥିରେ ମିଲ୍କ ପାଉଡ଼ର, ଚିନି ଏବଂ କେଶର ପକାଇ କ୍ଷୀରକୁ ଗୋଳାନ୍ତୁ। କ୍ଷୀର ବହଳା ହୋଇ ଆସିଲେ ସେଥିରେ ବଲ୍ କରି ରଖିଥିବା ସାଗୁ, ଗୁଜୁରାତି ପାଉଡ଼ର ଦେଇ ଗୋଳାଇବେ। ଶେଷରେ ଗୋଲାପ ଜଳ ଏବଂ କାଟି ରଖିଥିବା ଡ୍ରାଏ ଫୁଡ୍ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ। ଏହି ସାଗୁ ରସମଲେଇକୁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଖାଇବା ପାଇଁ ଦେଇପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ, କର୍ମକ୍ଷେତ୍ରରେ ସଫଳତା ମିଳିବ। ଅର୍ଥଲାଭର ସୁଯୋଗ ଆସିବ, ସୁଖ ସମୃଦ୍ଧି ବୃଦ୍ଧି ପାଇବ। ବନ୍ଧୁମାନଙ୍କ ସହଯୋଗରେ ଉନ୍ନତି ହେବ। ବାଧାବିଘ୍ନ ଦୂର ହେବ। ପ୍ରତିକାର-ସୋମବାର ଦିନ ଶିବ ଦର୍ଶନ କରଣୀୟ।

**ବୃଷ** ସପ୍ତାହଟି ବାଦବିବାଦରୁ ଦୂରେଇ ରୁହନ୍ତୁ, ହଇରାଣରେ ପଡ଼ିପାରନ୍ତି । କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇପାରେ, ଶରୀର ଅସୁସ୍ଥ ରହିବ। ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତିକାର-କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ନୂତନ ସଫଳତା ମିଳିବ, ଧନ ଲାଭର ସୁଯୋଗ ଆସିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ବନ୍ଧୁମାନଙ୍କ ସହଯୋଗ ମିଳିବ, ସନ୍ତାନସୁଖରେ ସୁଖି ହେବେ। ପ୍ରତିକାର-ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରଣୀୟ।

**କର୍କଟ** ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ, ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ, ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ, ମହିଳାମାନେ ନିଜ କାମରେ ଲାଗି ରହିବେ। ପ୍ରତିକାର-ଗୁରୁବାର ଦିନ ବ୍ରାହ୍ମଣଙ୍କୁ ଖାଇବାକୁ ଦିଅନ୍ତୁ।

**ସିଂହ** ସପ୍ତାହଟି ଚାକିରିକ୍ଷେତ୍ରରେ ଆକସ୍ମିକ ପରିବର୍ତ୍ତନ ହେବ। ଶତ୍ରୁମାନେ ପରାଜିତ ହେବେ। ସ୍ୱାସ୍ଥ୍ୟ ଉନ୍ନତି ହେବ। ରୋଗମୁକ୍ତ ହେବେ, ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ। ପ୍ରତିକାର-ରବିବାର ଦିନ ସୂର୍ଯ୍ୟଙ୍କୁ ଜବା ଫୁଲ ଦେଇ ଜଳଲାଗି କରନ୍ତୁ।

**କନ୍ୟା** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁ ସହଯୋଗ ମିଳିବ, ଧନଲାଭର ସୁଯୋଗ ଆସିବ, ଇଚ୍ଛିତ ଅଭିଳାଷ ପୂରଣ ହେବ। ପଦୋନ୍ନତିର ସମ୍ଭାବନା ଅଛି। ପାରିବାରିକ ଶାନ୍ତି ମିଳିବ। ପ୍ରତିକାର-ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ।

**ତୁଳା** ସପ୍ତାହଟି ମାନ ସମ୍ମାନ ବୃଦ୍ଧି ପାଇବ, ପାରିବାରିକ ସମସ୍ୟା ସମାଧାନ ହେବ। ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟ ହଇରାଣରେ ହୋଇପାରନ୍ତି। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର-ଶୁକ୍ରବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ବିଛା** ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନନ୍ତରଣ ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। ଅଭିଷ୍ଟ ପୂରଣ ହେବ। ମାନସମ୍ମାନ ବୃଦ୍ଧିପାଇବ, ଶାରୀରିକ ଅସୁସ୍ଥତା ଦେଖାଦେବ। ପ୍ରତିକାର-ମଙ୍ଗଳବାର ଦିନ ଛୋଟପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** ସପ୍ତାହଟି ବ୍ୟବସାୟରେ କ୍ଷତି ହୋଇପାରେ, କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁମାନେ ହଇରାଣ କରିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର-ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ମକର** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ, ବ୍ୟବସାୟରେ ହଇରାଣ ହୋଇପାରନ୍ତି। ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର-ସକାଳୁ କାଉଙ୍କୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ** ସପ୍ତାହଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ମାନସିକ ଅଶାନ୍ତି ଦେଖାଦେବ। ପ୍ରତିକାର -ଶନିବାର ଦିନ ଶିବ ଦର୍ଶନ କରଣୀୟ।

**ମୀନ** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ସମସ୍ତ କାର୍ଯ୍ୟରେ ସିଦ୍ଧି ଲାଭ କରିବେ। ସାମାଜିକ ସମ୍ମାନ ଲାଭ କରିବେ। ନିଜ କାର୍ଯ୍ୟରେ ସଫଳତା ଲାଭ କରିବେ। ପାରିବାରିକ ଅଶାନ୍ତି ଦେଖାଦେବ। ପ୍ରତିକାର-ଗୁରୁବାର ଦିନ ବୃହସ୍ପତୀଙ୍କ ମନ୍ତ୍ରପାଠ କରନ୍ତୁ।

ପ୍ରକୃତି ଓ ପର୍ଯ୍ୟଟନ

# ଚମ୍ପାଇ
## ଉତ୍ତର-ପୂର୍ବ ଭାରତର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ



ସୁନ୍ଦର, ସୁଦୃଶ୍ୟ ମିଆଁମାର ପର୍ବତଘେରା, କଳା, ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ମିଜୋରାମ୍‌ର ଚମ୍ପାଇ ସହର। ଛୋଟ ସହରଟିଏ ହେଲେ ମଧ୍ୟ ଚମ୍ପାଇର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଛି। ଆପଣ ଯଦି ନୂଆ ନୂଆ ସ୍ଥାନ ଭ୍ରମଣ କରିବାରେ ରୁଚି ରଖନ୍ତି, ତା'ହେଲେ ଚମ୍ପାଇ ଓ ଏହାର ଆଖପାଖର ସୁନ୍ଦର ପର୍ଯ୍ୟଟନସ୍ଥଳଗୁଡ଼ିକୁ ଆଦୌ ମିସ୍ କରନ୍ତୁ ନାହିଁ। ଚମ୍ପାଇ ମଧ୍ୟ 'ରାଇସ୍ ବାଉଲ୍ ଅଫ୍ ମିଜୋରାମ୍' ବା 'ମିଜୋରାମ୍‌ର ଭାତ ଥାଳି' ଭାବେ ଜଣାଶୁଣା। ଉତ୍ତର-ପୂର୍ବ ଭାରତର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳଗୁଡ଼ିକ ମଧ୍ୟରୁ ଚମ୍ପାଇ ଗୋଟିଏ, ଯାହାର ଆକର୍ଷଣରେ ଆକର୍ଷିତ ହୋଇ ପ୍ରତ୍ୟହ ଏଠାକୁ ଛୁଟି ଆସିଥାନ୍ତି ଦେଶ ବିଦେଶରୁ ଅନେକ ଭ୍ରମଣାର୍ଥୀ। ଆଦିବାସୀଙ୍କ ନିଆରା ଜୀବନଶୈଳୀ, ପରମ୍ପରା ପାଇଁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବା ଚମ୍ପାଇରେ ଦେଖିବାକୁ ମିଳେ ନାନା ପ୍ରକାରର ସୁନ୍ଦର ସୁନ୍ଦର ଫୁଲଗଛ। ସେହି ସବୁ ସୁନ୍ଦର ନାନା ରଙ୍ଗର ନାନା ଜାତିର ଫୁଲ ଉପରେ ଗୁଣୁଗୁଣୁ ଗୀତ ଗାଇ ଉଡ଼ିବୁଲୁଥିବା ଭଅଁର ଚିତ୍ତହରଣ କରିନିଏ। ମନୋହର, ମନୋମୁଗ୍ଧକର ପ୍ରକୃତିରାଣୀର ସେ ସୁନ୍ଦର ରୂପ ଦେଖିଲେ ଲାଗେ ଯେମିତି ତାହା କୌଣସି ପରୀକାହାଣୀର ଦୃଶ୍ୟ।



ମିଆଁମାର ପର୍ବତରୁ ଚମ୍ପାଇ ସହରର ଦୃଶ୍ୟ ଅତୀବ ଆକର୍ଷଣୀୟ। ଜିଲ୍ଲାର ଗାଁ ଏବଂ ସେଥିରେ ଥିବା ଛୋଟ ଅଥଚ ସୁନ୍ଦର ଘର ସବୁ ଦେଖିଲେ ମନେହୁଏ ମନେହୁଏ ଯେମିତି ତାହା ତାରାଖଚିତ ଆକାଶ ଅବା କଅଁଳ ଛନଛନ ସବୁଜ ପତ୍ର ମଣ୍ଡିତ ଗୋଟିଏ ଗଛରେ ଫୁଟିଛି ଅନେକ ରଙ୍ଗ ବେରଙ୍ଗର ଫୁଲ। ଏକବିଂଶ ଶତାବ୍ଦୀର କୋଳାହଳ, ଭିଡ଼ଭାଡ଼ରୁ ସମ୍ପୂର୍ଣ୍ଣ ଭିନ୍ନ ପରିବେଶରେ ଗଢ଼ିଉଠିଥିବା ଏଇ ସବୁ ଘର ଓ ସେଥିରେ ବାସ କରୁଥିବା ସରଳ ନିଷ୍କପଟ ମଣିଷଙ୍କ ଭାବ ସମ୍ପଦ ଏଇ ମାଟିକୁ କରିଛି ଐଶ୍ୱର୍ଯ୍ୟମୟ। ମିଜୋରାମ୍‌ର ମୂଳ ବାସିନ୍ଦା ଆଦିବାସୀଙ୍କ ଚଳଚଞ୍ଚଳ ଜୀବନ, ପ୍ରକୃତି, କଳା ସଂସ୍କୃତି ଓ ପରମ୍ପରା ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି କାଳକାଳ ଧରି।





ଚମ୍ପାଇ ମିଜୋରାମ୍‌ର ପ୍ରଥମ ବିକଶିତ ସହର ଏବଂ ଚମ୍ପାଇ ଜିଲ୍ଲାର ସଦର ମହକୁମା। ମିଆଁମାର ନିକଟରେ ଏ ସହରର ଅବସ୍ଥିତି ହିଁ ଏହାକୁ ଏକ ସୀମାନ୍ତ ସହର ଭାବେ ସମୃଦ୍ଧ ଓ ବିକଶିତ କରିଛି। ଭାରତ ଏବଂ ମିଆଁମାର ମଧ୍ୟରେ ଚମ୍ପାଇ ମୁଖ୍ୟ ବିଜିନେସ୍ କରିଡର ଭାବେ ପ୍ରସିଦ୍ଧିଲାଭ କରିଛି। ଚମ୍ପାଇ ମଧ୍ୟ କେବଳ ଏକ ପ୍ରଗତିଶୀଳ ବ୍ୟାବସାୟିକ ପେଣ୍ଠସ୍ଥଳୀ ନୁହେଁ। ଅନାଲୋଚିତ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ମିଆଁମାର ହିଲ୍‌ସରୁ ଚମ୍ପାଇ ଓ ଏହାର ଆଖପାଖରେ ଥିବା ବିସ୍ତୀର୍ଣ୍ଣ ସବୁଜ ଘାସପଡ଼ିଆ ଦେଖିଲେ ମନେହୁଏ ଯେମିତି ଗୋଟିଏ ଗୋଟିଏ ଚିତ୍ରପଟ। ମର୍ଡର୍ଣ୍ଣ ନ୍ୟାସନାଲ୍ ପାର୍କ, ମୁରା ପୁକ୍, ରିହ୍ ଦିଲ୍ ଲେକ୍ ଏବଂ ଥାଇସିଆମା ସେନୋ ନେଇନା ଚମ୍ପାଇର ପ୍ରମୁଖ ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ।





ଚମ୍ପାଇର କଳା ଓ ସଂସ୍କୃତି ପର୍ଯ୍ୟଟକ, ଗବେଷକଙ୍କୁ ସବୁବେଳେ ଆକର୍ଷିତ କରିଆସିଛି। ବିଶ୍ୱାସ କରାଯାଏ, ମିଜୋଙ୍କର ଇତିହାସ ଆରମ୍ଭ ହୁଏ ଚମ୍ପାଇରୁ ଏବଂ ସମାପ୍ତ ବି ହୁଏ ଚମ୍ପାଇରୁ। ସେହି ଦୃଷ୍ଟିରୁ ଚମ୍ପାଇ ପ୍ରାଚୀନ କଳା, ସଂସ୍କୃତି, ଲୋକଗୀତ, ଲୋକକଥା, ସ୍ଥାପତ୍ୟ ଓ ଐତିହ୍ୟର ଗନ୍ତାଘର କହିଲେ ଭୁଲ୍ ହେବ ନାହିଁ। ଆହୁରି ମଧ୍ୟ ବିଶ୍ୱାସ କରାଯାଏ, ବର୍ତ୍ତମାନ ମିଜୋରାମ୍‌ର ଭିନ୍ନ ଭିନ୍ନ ଅଂଶରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏକଦା ଥିଲେ ଚମ୍ପାଇର ମୂଳ ଅଧିବାସୀ।






### କେମିତି ଯିବେ ?

ମିଜୋରାମ୍‌ର ରାଜଧାନୀ ଆଇଜଲ୍‌ରୁ ଚମ୍ପାଇର ଦୂରତା ୧୯୨ କିଲୋମିଟର। ଆଇଜଲ୍‌ରୁ ଚମ୍ପାଇ ଯିବା ପାଇଁ ସୁନ୍ଦର ସଡ଼କପଥ ରହିଛି। ଦୁଇ ସହରକୁ ପ୍ରତ୍ୟହ ନିୟମିତ ଅନ୍ତରାଳରେ ବସ୍ ଯାତାୟାତ କରିଥାଏ। ବସ୍ ବ୍ୟତୀତ ଘରୋଇ ଟୁର୍ ଆଣ୍ଡ୍ ଟ୍ରାଭେଲ୍‌ସର ଟ୍ୟାକ୍ସି ମଧ୍ୟ ନିୟମିତ ବ୍ୟବଧାନରେ ଯାତ୍ରୀଙ୍କୁ ନେବା ଆଣିବା କରିଥାଏ। ଚମ୍ପାଇର ଜଳବାୟୁ ଏଭଳି, ଆପଣ ଚାହିଁଲେ ବର୍ଷସାରା ଏହି ସ୍ଥାନକୁ ଆସି ସ୍ୱଚ୍ଛନ୍ଦରେ ବୁଲାବୁଲି କରିପାରିବେ। ଏଠାକାର ସରଳ ନିରୀହ ଆଦିବାସୀଙ୍କ ସହ ଭାବ ବିନିମୟ କରି ଏକ ନୂତନ ଅନୁଭୂତି ସାଉଁଟି ପାରିବେ।

ମନୋରଞ୍ଜନ

# ବାରାଣସୀ
## ଏକ ଭିନ୍ନ ସ୍ୱାଦର ଫିଲ୍ମ

ଏସ୍‌ଏସ୍ ରାଜାମୌଲୀଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ ଫିଲ୍ମ 'ବାରାଣସୀ'ର କାହାଣୀ ଲିକ୍ ହୋଇଥିବା କଥା ଜଣାଯାଇଛି । ଲିକ୍ ହୋଇଥିବା କାହାଣୀ ଅନୁସାରେ, ମହେଶ ବାବୁ ଶିବ ଭକ୍ତ ରୁଦ୍ର ଭୂମିକାରେ ଅଭିନୟ କରିଛନ୍ତି । ପ୍ରିୟଙ୍କା ଚୋପ୍ରା ଓ ମହେଶ ବାବୁ ଅଭିନୟ କରିବା ସହ ଫିଲ୍ମରେ ଖଳନାୟକ ଭୂମିକାରେ ଅଛନ୍ତି ପୃଥ୍ୱୀରାଜ ସୁକୁମାରନ । ଏଥିରେ ମହେଶ ବାବୁ ଜଣେ ଶିବ ଭକ୍ତ ଭୂମିକାରେ ଆସିବେ । ଏହି ଫିଲ୍ମ ଯେତିକି ସସପେନ୍ସ ସେତିକି ରୋମାଞ୍ଚକର । ରାମାୟଣ କାଳ ସହ ଜଡ଼ିତ ଏକ ରହସ୍ୟମୟୀ ବସ୍ତୁ ସାହାଯ୍ୟରେ ବିଶ୍ୱକୁ ନିଜ ଅଧୀନକୁ ଆଣିବାକୁ କୁମ୍ଭ ନାମକ ଏକ ଚରିତ୍ର ଚାହିଁବା, ଦର୍ଶକଙ୍କ ମନ ମଧ୍ୟରେ ଉତ୍କଣ୍ଠା ବଢ଼େଇ ଦେଇଛି । ପ୍ରିୟଙ୍କା ଚୋପ୍ରା ମନ୍ଦାକିନୀ ଭୂମିକାରେ ଅଭିନୟ କରିଥିବାବେଳେ, ପ୍ରୀତିରାଜ ସୁକୁମାରନ୍ କୁମ୍ଭ ଭୂମିକାରେ ବେଶ ଚମତ୍କାର ଅଭିନୟ କରିଛନ୍ତି । ମହେଶ ବାବୁଙ୍କୁ ଦ୍ୱୈତ ଅଭିନୟରେ ଦେଖିବାକୁ ମିଳିବ । ସେ ଏକାସାଙ୍ଗରେ ରୁଦ୍ର ଓ ଲର୍ଡ ରାମ ଭୂମିକାରେ ଅଭିନୟ କରିଛନ୍ତି । ସଂଳାପ ଓ କାହାଣୀ ବୈଜେନ୍ଦ୍ର ପ୍ରସାଦ, ଏସ୍‌ଏସ୍ କାଞ୍ଚି କରିଥିବାବେଳେ ଏସ୍‌ଏସ୍ ରାଜାମୌଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି ।







# ପରିଣୀତା ଦେବେ
## ମାତୃତ୍ୱ ବାର୍ତ୍ତା

ଏକ ପୁତ୍ରସନ୍ତାନକୁ ଜନ୍ମ ଦେବା ପରେ ନୂଆ ଅନୁଭବ ନେଇଛନ୍ତି ପରିଣୀତା । ସେ ଓ ରାଘବ ତା' ଯତ୍ନ ନେବାରେ ସମାନ ଦାୟିତ୍ୱ ତୁଲାଉଥିବା କଥା ନିଜେ ପ୍ରକାଶ କରିଛନ୍ତି । ମାତୃତ୍ୱ ସବୁ ମହିଳାଙ୍କୁ ସୌଭାଗ୍ୟ ମିଳେନାହିଁ । ଅନେକ ଚାହିଁଲେ ବି ସନ୍ତାନଟିଏ ପାଇବା ସମ୍ଭବ ହୋଇପାରେନାହିଁ । କିଛି ମହିଳା ସଂଘର୍ଷ କରି ସନ୍ତାନକୁ ବଡ଼ କରନ୍ତି ତ କିଏ କିଏ ସନ୍ତାନଟିଏର ସୁଖ ପାଇଁ ସବୁ କିଛି ଜଳାଞ୍ଜଳି ଦେଇଥାନ୍ତି । ମାତୃତ୍ୱ ଲାଭ କରିବାର ଅନୁଭବକୁ ନେଇ ସେ 'ମମ୍ ଟକ୍‌ସ' କାର୍ଯ୍ୟକ୍ରମ ଜରିଆରେ ଦର୍ଶକଙ୍କୁ ଜଣାଇବାକୁ ଚାହାନ୍ତି ଅନେକ କିଛି କଥା । ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ 'ଜି-୫'ରେ । ୨୦୨୪ ପରେ ପରିଣୀତାଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳି ନଥିଲା । ମାତୃତ୍ୱ ଲାଭ ପରେ ସେ ଦର୍ଶକଙ୍କ ପାଇଁ ଭିନ୍ନ ଏକ ଅନୁଭୂତିକୁ ନେଇ ଆସିବେ ଟିଭି ପରଦାକୁ । ଏଥିରେ ସେ ଟେଲିଭିଜନ୍ ଓ ବଲିଉଡ୍ ଜଗତର ବିଭିନ୍ନ ତାରକାଙ୍କ ସହିତ ଗର୍ଭାବସ୍ଥା ଓ ମାତୃତ୍ୱ ସମ୍ପର୍କରେ ମନଖୋଲା ବାର୍ତ୍ତାଳାପ କରିବେ । ଏହି କାର୍ଯ୍ୟକ୍ରମର ଟ୍ରେଲରେ ଦେଖିବାକୁ ମିଳିଛି ସେ ବିକ୍ରାନ୍ତ ମୈସୀ ଓ ତାଙ୍କ ପତ୍ନୀ ଶୀତଲ ଠାକୁରଙ୍କ ଠାରୁ ଆରମ୍ଭ କରି ଇମ୍ରାନ ଖାଁ, ଦିଶା ପରମାର, ନେହା ଧୁପିୟା ଓ ସ୍ୱାମୀ ଜୈଦ ଦରବାର ଭଳି ଅତିଥିଙ୍କ ସହିତ ଗର୍ଭାବସ୍ଥା ନେଇ ରହିଥିବା ଅନ୍ଧବିଶ୍ୱାସ ଓ ଭୁଲ୍ ଧାରଣା ସମ୍ପର୍କରେ ବିଚାରବିମର୍ଶ କରୁଛନ୍ତି ।ର 'ଅମର ସିଂହ ଚମକିଲା'ରେ ଶେଷ ଥର ପାଇଁ ପରିଣୀତିଙ୍କ ଅଭିନୟ ଦେଖିବାକୁ ମିଳିଥିଲା ।



# କୁହୁଡ଼ିର ଟିଭି ପ୍ରିମିୟର

ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ 'କୁହୁଡ଼ି' ପ୍ରଥମଥର ଜୀ ସାର୍ଥକ ପକ୍ଷରୁ ଦର୍ଶକଙ୍କ ପାଇଁ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ଉପଲକ୍ଷେ ଭେଟି ଦିଆଯାଉଛି । ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ ତଥା ଏକ ରହସ୍ୟ ଏବଂ ସଂଘର୍ଷପୂର୍ଣ୍ଣ ଚଳଚ୍ଚିତ୍ର 'କୁହୁଡ଼ି' । ଏହି ଚଳଚ୍ଚିତ୍ରକୁ ପ୍ରଥମଥର ପାଇଁ ଟିଭିରେ ଦର୍ଶକମାନେ ଦେଖିବାକୁ ପାଇବେ ଏପ୍ରିଲ ୧୨ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ । ଚଳଚ୍ଚିତ୍ରର କାହାଣୀ ଜଣେ ସାହସୀ ଆଇନଜୀବୀ ଅଂଶୁମାନ ପଟ୍ଟନାୟକ ଏବଂ ନ୍ୟାୟ ପାଇଁ ତାଙ୍କର ଅଦମ୍ୟ ସଂଘର୍ଷକୁ ନେଇ ଗତିଶୀଳ । ଏଥିରେ ଏକ ଭୟଙ୍କର ଅଭିଯୋଗର ଶିକାର ହୋଇଥିବା ପିତାଙ୍କ ବେଦନା ଓ ନ୍ୟାୟ ପାଇଁ ସଂଘର୍ଷ ପରି ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗକୁ ଏକ କୋର୍ଟ ରୁମ୍ ଡ୍ରାମା ମାଧ୍ୟମରେ ଅତି ନିଖୁଣ ଭାବରେ ଦର୍ଶାଯାଇଛି । ସତ୍ୟର ସନ୍ଧାନ ଏବଂ ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ଉଦ୍ୟମ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ । ସନ୍ଦେହ, ସଂଘର୍ଷ ଏବଂ ସତ୍ୟର ଏକ ନିଆରା ସମନ୍ୱୟ ହେଉଛି 'କୁହୁଡ଼ି' । ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଓଲିଉଡ଼ର ସୁପରଷ୍ଟାର ଅନୁଭବ ମହାନ୍ତି, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶମହାପାତ୍ର ନିଜର ଶକ୍ତିଶାଳୀ ଅଭିନୟ ପ୍ରଦର୍ଶନ କରିଛନ୍ତି ।






# ୟାମୀଙ୍କ ବଡ଼ ଉପହାର

ରଣବୀରଙ୍କୁ କୁଆଡ଼େ ୟାମି ହିଁ ଏହି ୫ କୋଟି ଟଙ୍କିଆ କାର୍ ଉପହାର ଦେଇଛନ୍ତି । ରଣବୀରଙ୍କ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ସେ ମୁମ୍ବାଇ ବିମାନବନ୍ଦରରେ ୫ କୋଟି ଟଙ୍କିଆ ଜିଏମ୍‌ସି ହାମ୍ମର କାର ସହ ନଜର ଆସିଛନ୍ତି । ଜଣେ ଫ୍ୟାନ୍ ତାଙ୍କ ଏକ୍ସ୍ ହ୍ୟାଣ୍ଡଲ୍‌ରେ ଏହି ଭିଡିଓଟିକୁ ସେୟାର କରିଛନ୍ତି । ଏହି ଭିଡିଓରେ ସେହି ଫ୍ୟାନ୍‌ଜଣକ ଦାବି କରିଛନ୍ତି ଯେ, ଏବେ ଏହି ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଛନ୍ତି । ରଣବୀର ଯେତେବେଳେ ମୁମ୍ବାଇ ବିମାନବନ୍ଦରରେ ପହଞ୍ଚୁଛନ୍ତି, ସେତେବେଳେ ଫ୍ୟାନ୍‌ମାନେ ତାଙ୍କୁ ଘେରି ଯାଉଛନ୍ତି । ଏସବୁ ଭିତରେ କୁହାଯାଉଛି, 'ଧୁରନ୍ଧର-୨'ର ଏତେ ବଡ଼ ସଫଳତାକୁ ନେଇ ଏହାର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପତ୍ନୀ ତଥା ଅଭିନେତ୍ରୀ ୟାମି ଗୌତମ କୁଆଡ଼େ ରଣବୀରଙ୍କୁ ଏହି ଦାମୀ କାର ଉପହାର ଦେଇଛନ୍ତି । ଜଣେ ଫ୍ୟାନ୍ ? ତ କେକ୍ ଧରି ତାଙ୍କ ପାଖରେ ପହଞ୍ଚୁଛନ୍ତି । ରଣବୀର ସେହି କେକ୍ ?କୁ ହାତରେ ଧରୁ ଧରୁ ଫ୍ୟାନ୍ ?ଜଣକ ଆଗ୍ରହରେ ତାକୁ କାଟି ପକାଇ ରଣବୀରଙ୍କୁ ଖୁଆଇ ଦେଉଛନ୍ତି । ପରେ ଏହି ଆକ୍ଟ ତାଙ୍କ ପ୍ରଶଂସକମାନଙ୍କ ସହ ଫଟୋ ଉଠାଉଛନ୍ତି ଏବଂ ବିମାନବନ୍ଦର ଭିତରକୁ ଚାଲି ଯାଉଛନ୍ତି । ଧୁରନ୍ଧର ପାର୍ଟ-୧' ଓ 'ଧୁରନ୍ଧର ପାର୍ଟ-୨' ପରେ ସବୁଠି ଚାଲିଛି ରଣବୀର ସିଂହଙ୍କ ଚର୍ଚ୍ଚା । କଲେକ୍ସନ୍ ?କୁ ଦେଖିଲେ 'ଧୁରନ୍ଧ ? ପାର୍ଟ-୨' ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗି ଚାଲିଛି । ୮ ଦିନ ଏହି ଫିଲ୍ମ ସାରା ଦୁନିଆରେ ୧ ହଜାର କୋଟି ପା ? କରି ସାରିଲାଣି ।



ଶିଶୁ ସ୍ୱାସ୍ଥ୍ୟ

# ରାତିରେ ଡ଼ରିବା ଓ ଚିଲ୍ଲେଇବାର କାରଣ କଣ ହୋଇପାରେ !

**ଛୋଟପିଲାଙ୍କୁ ନେଇ ଅଭିଭାବକ ବେଶ୍ ସମ୍ବେଦନଶୀଳ। ପିଲାଟି ଖାଉନାହିଁ, ଶୋଉନାହିଁ; ଯେହେତୁ ସେ ଖୋଲାଖୋଲି ନିଜ ସମସ୍ୟା ସମ୍ବନ୍ଧରେ ପ୍ରକାଶ କରୁନାହିଁ, ତା'ର ବିଶେଷ କିଛି ଅସୁବିଧା ହୋଇଯାଇନାହିଁ ତ ! ଏଭଳି ଭାବନାରେ ଘାରି ହୁଅନ୍ତି ଅଭିଭାବକ। ବେଳେବେଳେ ଆପଣ ଲକ୍ଷ୍ୟ କରିଥିବେ ଶୋଇଥିବା ପିଲାଟି ହଠାତ୍ ଚିତ୍କାର କରିଉଠେ। ହାତ ଗୋଡ଼ ଛାଟେ। ଜୋର୍‌ରେ କାନ୍ଦିଉଠେ। ଆପଣ ଚମକିପଡ଼ି ପିଲାଟିକୁ ଶାନ୍ତ କରିବାକୁ କୋଳେଇ ନିଅନ୍ତି। ମାତ୍ର ସେ ନିଦରେ ଥାଇ ମଧ୍ୟ ଅର୍ଥାତ୍ ଆଖିବୁଜି ଥିଲେ ହେଁ ଅସ୍ୱାଭାବିକ ଆଚରଣ ଜାରି ରଖିଥାଏ। ଆପଣ ତାକୁ ଜାଗ୍ରତ କରିବାକୁ ଚେଷ୍ଟା କରନ୍ତି। ଭାବନ୍ତି ପିଲାଟି ବୋଧେ କୌଣସି ଭୟଙ୍କର ସ୍ୱପ୍ନ ଦେଖି ଏଭଳି ଆଚରଣ କରୁଛି। ଅସଲରେ ପିଲାଟି ସ୍ଲିପ୍ ଟେରର୍‌ର ଶିକାର ହୋଇଥାଏ। ଆସନ୍ତୁ ଜାଣିବା ଏ ସମ୍ବନ୍ଧରେ କ'ଣ କହନ୍ତି ଶିଶୁ ସ୍ୱାସ୍ଥ୍ୟ ବିଶେଷଜ୍ଞ।**



### ସ୍ଲିପ୍ ଟେରର୍ କ'ଣ ?

ସ୍ଲିପ୍ ଟେରର୍‌କୁ ନାଇଟ୍ ଟେରର୍ ମଧ୍ୟ କୁହାଯାଏ। ଅନେକ ଥର ଅଭିଭାବକ ନାଇଟ୍ ଟେରର୍ ଓ ନାଇଟ୍ ମେୟର ଏକା ବିଷୟ ବୋଲି ଭାବନ୍ତି। ମାତ୍ର ବାସ୍ତବରେ ଦୁଇଟିଯାକ ପରସ୍ପରଠାରୁ ଅଲଗା। ନାଇଟ୍ ମେୟରରେ ପିଲାଏ ଭୟଙ୍କର ସ୍ୱପ୍ନ ଦେଖିଥାନ୍ତି, ଅନ୍ୟପକ୍ଷରେ ନାଇଟ୍ ଟେରର୍‌ରେ ପିଲାଙ୍କ ସବ୍‌କନ୍‌ସିୟସ୍ ବା ଅବଚେତନରେ ମସ୍ତିଷ୍କରେ କେତେ କ'ଣ ଚାଲିଥାଏ। ଏହି ସମୟରେ ପିଲାଟି ଗଭୀର ନିଦରେ ଶୋଇଥାଏ। ଏଥିପାଇଁ ଡରିବା କାରଣରୁ ପିଲା ଯାହା ବି ପ୍ରତିକ୍ରିୟା ଦେଖାଏ, ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ। ଡାକ୍ତରଙ୍କ କହିବାନୁସାରେ, ସାଧାରଣତଃ ୪ରୁ ୧୬ ବର୍ଷ ବୟସର ପିଲାଙ୍କ କ୍ଷେତ୍ରରେ ଅଧିକ ଦେଖିବାକୁ ମିଳେ। ଅନେକଥର ତ ୪ ବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଥାଏ। ଛୋଟ ପିଲାଏ ଯଦି ରାତିରେ ଶୋଇଥିବା ଅବସ୍ଥାରେ ଜୋର୍‌ରେ କାନ୍ଦନ୍ତି ବା ଅନ୍ୟ କୌଣସି ପ୍ରତିକ୍ରିୟା ଦେଖାନ୍ତି, ତା'ହେଲେ ପିଲାଟି ନାଇଟ୍ ଟେରର୍‌ର ଶିକାର ହୋଇଥିବା ଆଶଙ୍କା ଅଧିକ।

### ଲକ୍ଷଣ

ନିଦରେ କାନ୍ଦିବା, ଚିତ୍କାର କରିବା କିମ୍ବା ମୁଣ୍ଡ ପିଟିବା, ଅନେକ ଥର ଗଭୀର ନିଦରେ ମଧ୍ୟ ପିଲାଏ ହାତ ଗୋଡ଼ ଛାଟିବା, ମନକୁ ମନ କଥା କହିବା, ବିଲିବିଲେଇବା, ବନ୍ଦ ଆଖିକୁ ଖୁବ୍ ଜୋର୍‌ରେ ଗୋଟିଏ ପଟରୁ ଆରପଟକୁ ବୁଲେଇବା, ଶୀଘ୍ର ଶୀଘ୍ର ଶ୍ୱାସ ନେବା, ଝାଳରେ ଓଦା ହୋଇଯିବା, ପିଲାଏ ନାଇଟ୍ ଟେରର୍‌ର ଶିକାର କାହିଁକି ହୁଅନ୍ତି ? ଏ ବାବଦରେ ଡାକ୍ତରଙ୍କ କହିବା କଥା, ପିଲାଟିର ସ୍ଲିପ୍ ରୁଟିନ୍ ବା ନିଦ୍ରା ଅଭ୍ୟାସ ଯଦି କୌଣସି କାରଣରୁ ପ୍ରଭାବିତ ହୁଏ ତା'ହେଲେ ପିଲାଟି ଏଭଳି ପ୍ରତିକ୍ରିୟା ଦେଖାଏ। ପିଲାଟି ଯେଉଁଦିନ ଖୁବ୍ ବେଶୀ ଥକି ଯାଇଥାଏ, ତା'ହେଲେ ଏହି ସମସ୍ୟା ଦେଖାଦିଏ। ଯଦି ପିଲାଟି କୌଣସି କାରଣରୁ ଲଜ୍ଜିତ, ଅପମାନିତ ହୋଇଥାଏ, କାହାର କଥା ବା ଆଚରଣ ତାକୁ ଖରାପ ଲାଗିଥାଏ କିମ୍ବା ସେ ଚାପରେ ଥାଏ ତା'ହେଲେ ମଧ୍ୟ ଏଭଳି ସମସ୍ୟା ଉପୁଜେ। ଯଦି କୌଣସି କଥା ବା ଘଟଣା ତାକୁ ଭଲ ଲାଗିଲା ନାହିଁ, କିନ୍ତୁ ସେ ସମ୍ବନ୍ଧରେ ପିଲାଟି ପ୍ରତିବାଦ କରିନପାରି ବାରମ୍ବାର ସେ ବାବଦରେ ଚିନ୍ତା କଲା, ତା'ହେଲେ ମଧ୍ୟ ନିଦ୍ରାରେ ଏଭଳି ଅସ୍ୱାଭାବିକ ଆଚରଣ ଦେଖାଇଥାଏ।

### ଅଭିଭାବକ କ'ଣ କରିବେ ?

ଯଦି ଆପଣଙ୍କର ପିଲାଟି ମଧ୍ୟ ନାଇଟ୍ ଟେରର୍‌ର ଶିକାର ହେଉଛି ତା'ହେଲେ କ'ଣ କରିବେ ଜାଣନ୍ତୁ।

ଯଦି ପିଲାଟି କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ସେଭଳି ଜୋର୍‌ରେ କାନ୍ଦି ଉଠୁଛି, ଚିତ୍କାର କରୁଛି କିମ୍ବା ହାତଗୋଡ଼ ବାଡ଼ଉଛି, ତା'ହେଲେ ତାକୁ ସେହି ସମୟର ୧୦ ମିନିଟ୍ ପୂର୍ବରୁ ଉଠାଇ ଦିଅନ୍ତୁ ଓ ୧୦-୧୫ ମିନିଟ୍ ପାଇଁ ଚଲାଇବାକୁ ନିଅନ୍ତୁ।

ପିଲାଟି ସ୍ଲିପ୍ ଟେରର୍ ସମୟରେ ବ୍ୟସ୍ତ, ବିଚଳିତ ହୋଇପଡ଼େ। ଏହି ସମୟରେ ତାକୁ ଆପଣ ଆଶ୍ୱାସନା ଦିଅନ୍ତୁ ଯେ, ଆପଣ ତା' ସହିତ ଅଛନ୍ତି ଓ ସବୁକିଛି ଠିକ୍‌ଠାକ୍ ଅଛି। ତା'ର କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ଖାଦ୍ୟ ପାନୀୟ ପ୍ରତି ଯତ୍ନବାନ ରୁହନ୍ତୁ। ପିଲାଟି ଯେମିତି ପୁଷ୍ଟିକର ଖାଦ୍ୟ ଖାଇବ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ଗଲା ରାତିରେ ପିଲାଟି ଯଦି କିଛି ଅସ୍ୱାଭାବିକ ଆଚରଣ କରିଛି, ତାକୁ ସେ ବିଷୟରେ କିଛି କୁହନ୍ତୁ ନାହିଁ। ସେସବୁ ଜାଣିବା ପରେ ପିଲାଟି ଚାପଗ୍ରସ୍ତ ହୋଇପାରେ। ପିଲାଙ୍କ ସ୍କ୍ରିନ୍ ଟାଇମ୍ କମ୍ କରନ୍ତୁ। ଅର୍ଥାତ୍ ପିଲାଟି ଯେମିତି ବେଶୀ ସମୟ ସ୍ମାର୍ଟଫୋନ୍, ଟିଭି କିମ୍ବା ଲ୍ୟାପ୍‌ଟପ୍‌ରୁ କାର୍ଯ୍ୟକ୍ରମ ଦେଖିବ ନାହିଁ, ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ଏସବୁ ମଧ୍ୟ ନାଇଟ୍ ଟେରର୍ ପଛର ବଡ଼ କାରଣ। ପିଲାଟି ଶୋଇବା ପାଇଁ ଶାନ୍ତ ବାତାବରଣ ଲୋଡ଼ିଥାଏ। ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଯଦି ପିଲାଟି ଲଗାତାର ଏହି ସମସ୍ୟା ଭୋଗୁଛି, ତା'ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

---

ଜ୍ଞାନ ବିଜ୍ଞାନ

## ଇଥେନଲର ଉତ୍ପାଦନ ସରଳ ଥିଲା



ଆଜି ବିଶ୍ୱରେ କୃତିମ ଖଣିଜ ତୈଳର ଅଭାବ ଦେଖା ଦେଇଛି । ପେଟ୍ରୋଲର ବିକଳ୍ପ ଭାବରେ ଇଥେନଲକୁ ପ୍ରୟୋଗ କରି ଯାନ ବାହାନ ଚଲାଇବା ନିମନ୍ତେ ଭାରତ ସମେତ ଅନେକ ଦେଶ ନିଷ୍ପତି ଗ୍ରହଣ କରିଛନ୍ତି । ବାସ୍ତବରେ ଏହି ସମ୍ଭାବନାକୁ ସାକାର କରିବାର ଶ୍ରେୟ ହେଉଛି ଜର୍ମାନ ବୈଜ୍ଞାନିକ ବୁଚନ ଏଡୁଆଡଙ୍କର ପ୍ରାପ୍ୟ । ୧୮୯୬ ମସିହାରେ ସେ ଇଷ୍ଟ ଜୀବକୋଷରେ ଥିବା ଉପାଦାନ ଗୁଡିକୁ ସଫଳତାର ସହିତ ନିରୁପଣ କରି ପାରିଥିଲେ। ତାଙ୍କର ଭାଇ ମ୍ୟୁନିକ ସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଥିଲେ। ବୁଚନରଙ୍କର ଆବିଷ୍କାରକୁ ସେଠାରେ ଥିବା ବୈଜ୍ଞାନିକ ଓ ପ୍ରଶାସକମାନେ ଆଲୋଚନା କରିଥିଲେ । ଆଖୁ ରସକୁ କିଣ୍ୱନ ବା ଫରମେସେନ କରି ବହୁଳ ପରିମାଣରେ ଇଥେନଲ ବା ଆଲକହଲ ଉତ୍ପାଦନ ପାଇଁ ତାଙ୍କୁ ଅନୁଷ୍ଠାନ ତରଫରୁ ଅର୍ଥ ସହିତ ଅନ୍ୟ ସହଯୋଗ ମିଳିଥିଲା। ବୁଚନର ଓ ତାଙ୍କର ଭ୍ରାତା ମିଳିତ ଭାବରେ ୧୯୦୩ ମସିହାରେ 'ଜାଇମୋସିସ' ନାମକ ବହି ତାଙ୍କର ଗବେଷଣା ଉପଲବଧି ଓ ଉପଯୋଗିତା ସଂପର୍କରେ ବର୍ଣ୍ଣନା କରାଯାଇ ପ୍ରକାଶ କରିଥିଲେ । ଜୀବକୋଷର ବାହାରେ କିଣ୍ୱନ ସଂଗଠିତ କରାଇ ପାରିଥିବାରୁ ତାଙ୍କୁ ୧୯୦୭ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ୧୮୬୦ ମସିହା ମଇ ମାସ ୨୦ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ବାପା ଡକ୍ଟର ଏରନେଷ୍ଟ ବୁଚନର ପଦାର୍ଥ ବିଜ୍ଞାନ ଓ ଅପରାଧ ବିଜ୍ଞାନର ଜଣେ ଖ୍ୟାତାନାମା ଅଧ୍ୟାପକ ଥିଲେ । ବାଲ୍ୟକାଳରେ ରସାୟନ ପଢିବାକୁ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନକୁ ଗମ୍ଭୀରତାର ସହିତ




ସେ ପଢିଥିଲେ। ତାଙ୍କର ଭାଇ ହାନର ତାଙ୍କର ମାର୍ଗ ଦର୍ଶକ ଥିଲେ। ୧୮୮୫ ରେ ଅମ୍ଳଜାନର କିଣ୍ୱନ ଉପରେ ପ୍ରଭାବ ସମ୍ପର୍କରେ ଆବିଷ୍କାର ବିଜ୍ଞାନକୁ ନୂତନ ପ୍ରସ୍ଥ ପ୍ରଦାନ କରିଲା । ବୈଜ୍ଞାନିକ କୁରଟି ଆସ ଓ ପ୍ରେଡମ୍ୟାନକୁ ବିଜ୍ଞାନାଗାର ସହଯୋଗୀ ଭାବରେ ପାଇ ତାଙ୍କର ଗବେଷଣାର ଗତି ନୂତନ ଶକ୍ତି ପାଇଥିଲା। ନୂତନ ପରୀକ୍ଷାଗାର ନିର୍ମାଣ ପାଇଁ ଉନ ବେୟର ଆର୍ଥିକ ସହାୟତା ଦେଇଥିଲେ । ୧୮୯୩ରେ ତାଙ୍କୁ କିଏଲ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ବିଜ୍ଞାନାଗାରର ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହାର ଦୁଇ ବର୍ଷ ପରେ ତାଙ୍କୁ ବରିଷ୍ଠ ପ୍ରାଧ୍ୟାପକ କରାଗଲା । ୧୯୧୭ ମସିହାରେ ଗୋଟିଏ ସାମରିକ ଚିକିତ୍ସାଳୟରେ ଥିବା ଅବସ୍ଥାରେ ସେ ଆହାତ ହେଲେ। ଅଳ୍ପ ଦିନ ମଧ୍ୟରେ ଇହଲୀଲା ସମ୍ବରଣ କରିଥିଲେ।

**-ଶ୍ରୀମତି ସାଗରିକା ରାଉତ,**
**ବିଜ୍ଞାନ ପରିଦର୍ଶିକା, କଟକ**

# ପାରିବାରିକ ହିଂସା

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା**





ପରିବାର ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଶୃଙ୍ଖଳା ଓ ସୁରକ୍ଷା। ଯେଉଁଠି ସମସ୍ତେ ନିରନ୍ତର ପରସ୍ପର ସ୍ନେହ ଓ ମମତାର ରଜ୍ଜୁରେ ବାନ୍ଧିହୋଇ ସୁରକ୍ଷିତ ରହିଥାନ୍ତି। ମନୁଷ୍ୟ ଜୀବନର ସୁଖ ଓ ଶାନ୍ତିର ଏକ ସଫଳ ମାଧ୍ୟମ ରୂପେ ପରିବାରର ଭୂମିକା ବହୁତ ଯୁଗରୁ ସ୍ୱୀକୃତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହି ପ୍ରତ୍ୟାଶାରେ ଏକ ବିରାଟ ବାଧା ସୃଷ୍ଟି ହୋଇଛି। ବାହ୍ୟ ଜଗତରେ ରାସ୍ତା ପାର୍ଶ୍ୱର ହିଂସା ଆମର ସାମଗ୍ରିକ ଜୀବନକୁ ଅଶାନ୍ତ କରିବା ସହିତ ପାରିବାରିକ ହିଂସା ମଧ୍ୟ ଉଦବେଗର କାରଣ ହୋଇଛି। ଦିନକୁ ଦିନ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଯାହାକୁ ନେଇ ସମାଜର ସବୁ ମହଲରୁ ଚିନ୍ତା ପ୍ରକଟ ହେଉଛି। ମହିଳା ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି। 'ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୩୨% ବିବାହିତ ମହିଳା (୧୮ରୁ ୪୯ ବର୍ଷ ବୟସର) ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି। ୨୯% ମହିଳାଙ୍କ ସ୍ୱାମୀ ସେମାନଙ୍କ ଉପରେ ଶାରୀରିକ ଓ ଯୌନ ହିଂସାର ପ୍ରୟୋଗ କରିଥାନ୍ତି। ପ୍ରାୟ ୨୫% ବିବାହିତ ମହିଳା ଆଖିରେ ଆଘାତ, ହାତ-ଗୋଡ଼ ମକଚି ହେବା, ସେ ସବୁର ହାଡ଼ ଖସିଯିବା କିମ୍ବା ଭାଙ୍ଗି ଯିବା ତଥା ଦାନ୍ତ ଭାଙ୍ଗିଯିବା ଭଳି ହିଂସାର ଶିକାର ହେବା ନେଇ ରିପୋର୍ଟ କରିଥାନ୍ତି। ଦେଶର ୧୨.୫% ଅବିବାହିତା ମହିଳା ମଧ୍ୟ ଘରୋଇ ଶିକାର ହୋଇଥାନ୍ତି। 'ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋର ୨୦୨୨ର ପରିସଂଖ୍ୟାନ ଅନୁଯାୟୀ୧,୪୦,୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସା ଶିକାର ହୋଇଥିଲେ। ରାଜ୍ୟ ଗୁଡ଼ିକ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣାଟକ, ବିହାର, ମଣିପୁର, ତେଲେଙ୍ଗାନା ଓ ତାମିଲନାଡୁ ଆଦି ରାଜ୍ୟରେ ସର୍ବାଧିକ ଘରୋଇ ହିଂସା ସମ୍ପର୍କିତ ଘଟଣା ଘଟିଥାଏ। ଘରୋଇ ହିଂସା ସମୁଦାୟ ଲିଙ୍ଗଗତ ହିଂସାର ପ୍ରାୟ ୪୦%। କିନ୍ତୁ ରିପୋର୍ଟ କରାଯାଏ ମାତ୍ର ୮% କିମ୍ବା ତା ଠାରୁ କମ ସଂଖ୍ୟକ ମାମଲା।

ଭକ୍ତକବି ମଧୁସୂଦନ ରାଓ ଭାଷାରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁଥାଏ ନିରନ୍ତର।' ଆମ ସଂସ୍କୃତିରେ ପରିବାରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସନ୍ତାନର ପାଳନ ପୋଷଣ ଠାରୁ ଆରମ୍ଭ କରି ବୟସ୍କଙ୍କୁ ସ୍ନେହ ଆଦର, ସେବାଯତ୍ନ ଯୋଗାଇଦେବା ଓ ଭାଇ ଭଉଣୀ ତଥା ଭାଇ ଭାଇ ଭିତରେ ପାରସ୍ପରିକ ସହାନୁଭୂତି ଓ ସହଯୋଗ ପର୍ଯ୍ୟନ୍ତ ସବୁକିଛି ପରିବାର ଗଠନର ମୂଳଭିତ୍ତି ବୋଲି କୁହାଯିବ। ଶିଶୁର ଲାଳନପାଳନରେ ବାପା-ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ବି ପରିବାରର ଅନ୍ୟାନ୍ୟ ସଦସ୍ୟ ଯଥା ଜେଜେ, ଜେଜେ ମାଆ ଓ ଅନ୍ୟମାନଙ୍କ ଭୂମିକା ବି କିଛି କମ ନୁହେଁ। ସେଥିପାଇଁ ଆଗକାଳରେ ଯୌଥ ପରିବାରର ବଡ଼ ଭୂମିକା ଥିଲା। ସଂପର୍କର ବିଭିନ୍ନ ଭାଗମାପ ବଜାୟ ରହିଥଲା। ସାନମାନେ ବଡ଼ ମାନଙ୍କୁ ଆଦର ସମ୍ମାନ କରୁଥିବାବେଳେ ବଡ଼ମାନେ ସ୍ନେହ ଓ ଅନୁଶାସନରେ ସାନ ମାନଙ୍କ ଚରିତ୍ର ଗଠନ କରୁଥିଲେ। ଉଦାରତା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଦ୍ୱାରା ବୃହତ ପରିବାର ଗୁଡ଼ିକ ତିଷ୍ଠି ରହୁଥିଲା। କାଳକ୍ରମେ ସେଥିରେ ସ୍ୱାର୍ଥପରତା, ଛଳନା, କୁଟିଳତା ପରିଲକ୍ଷିତ ହେବାରୁ ଯୌଥ ପରିବାର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା। ଯେଉଁଠି ନା ରହିଲା ପାରସ୍ପରିକ ସାହାଯ୍ୟ କିମ୍ବା ସହଯୋଗ। ଅଧିକ ସୁଖ ପାଇବାକୁ ଯାହା କରାଗଲା ସେଥିରେ ବି ସୁଖୀ ହୋଇପାରିଲେନି କେହି। ଫଳରେ ଦିନକୁ ଦିନ ପରିବାରଗୁଡ଼ିକ ବିଶୃଙ୍ଖଳିତ ହେବାରେ ଲାଗିଛି। ତେଣୁ ଘରୋଇ ହିଂସା ମଧ୍ୟ ବଢ଼ି ବଢ଼ି ଚାଲିଛି।

ଆଜିର ବସ୍ତୁବାଦୀ ସମାଜରେ ବୃଦ୍ଧାବସ୍ଥାରେ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ନେବାକୁ କୁଣ୍ଠାବୋଧକରନ୍ତି। ଏକକ ପରିବାର ଜନ୍ମିତ ଯୁବକ ବା ଯୁବତୀ ବେକାରୀ, ଦରଦାମ ବୃଦ୍ଧି, ଅଶିକ୍ଷା, ସାମାଜିକ ଚାପ, ସମ୍ବେଦନଶୀଳତା ଅଭାବ, ଅତ୍ୟନ୍ତ ସ୍ୱାର୍ଥପରତା ଆଦିକଳୁଷିତ ପରମ୍ପରାରେ ଜନ୍ମିତ ସେମାନେ କେବଳ ନିଜର ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ମନ ଦେଇନଥାନ୍ତି। ପ୍ରାପ୍ତବୟସ୍କରେ ସେମାନେ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପୈତୃକ ସମ୍ପତ୍ତିକୁ ସେମାନଙ୍କ ନାମରେ ଲେଖିଦେବାକୁ କହିଥାଆନ୍ତି, ସେଥିପାଇଁ ବିଭିନ୍ନ ଉପାୟରେ ଚାପ ପକାନ୍ତି, ଯଦି ପିତାମାତା ସେଥିରେ ରାଜି ନହୁଅନ୍ତି, ତେବେ ସେମାନେ ଅବହେଳା କରିବା ଆରମ୍ଭ କରିନ୍ତି। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କ ଠାରୁ ଭରଣାପୋଷଣ ଦାବୀ କରିବାର ଆଇନଗତ ଅଧିକାର। ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ, ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ ସାଂସ୍କୃତିକ କିମ୍ବା ପିଢ଼ିଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ। ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତିକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରୀ। ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା ସ୍ୱାମୀ, ସ୍ତ୍ରୀ, ଭାଇ ଭଉଣୀ, ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅଙ୍ଗିଆର କଲେଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,**
**ଦୂରଭାଷ : ୭୦୦୮୪୭୮୯୮୬**






ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଓଜନ ଗୋଟିଏ କିଲୋ, କାମ କିନ୍ତୁ ଅନେକ


**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

**ଆମ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି ହେଉଛି ଯକୃତ ଯାହାର ପ୍ରମୁଖ କାର୍ଯ୍ୟ ହେଉଛି ପିତ୍ତ ଉତ୍ପାଦନ, ମେଟାବଲିଜିମ୍ ଓ ବିଷାକ୍ତ ପଦାର୍ଥ ନିଷ୍କାସନ। ଏମିତିରେ କହିଲେ ଯକୃତ ଅସୁସ୍ଥ ହେବାର ଅନେକ କାରଣ ରହିଛି। ଆମ ଶରୀରରେ ଚର୍ମ ପରେ ଯକୃତ ବା ଲିଭର ହେଉଛି ଦ୍ୱିତୀୟ ବୃହତ୍ତମ ଅଙ୍ଗ। ଜଣେ ବୟସ୍କ ବ୍ୟକ୍ତିଙ୍କ ଯକୃତର ଓଜନ ୧.୩୫ରୁ ୧.୫ କିଲୋଗ୍ରାମ। ଏହା ମଧ୍ୟ ଛଦ ତଳକୁ ପେଟର ଡାହାଣ ପାର୍ଶ୍ୱ ଉପର ଭାଗରେ ଥାଏ। ଏହା ଦୁଇଟି ବୁଜୁଳିରେ ବିଭକ୍ତ। ଡାହାଣ ପଟ ବୁଜୁଳିଟି ବଡ଼ ଓ ବାମପଟଟି ଛୋଟ। ଅନେକ ହୁଏତ ଜାଣି ନାହାଁନ୍ତି ଏଥିରେ ଆହୁରି ଦୁଇଟି ଛୋଟ ଛୋଟ କ୍ଷୁଦ୍ର ବୁଜୁଳି ରହିଛି। ଯାହାର ନାମ ହେଉଛି 'କ୍ୱାଡ୍ରେଟ' ଓ 'କାଉଡେଟ୍'। ଆମ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ନିଜେ ନିଜ କାମ କରୁଥିବାବେଳେ କେବଳ ଯକୃତ ଏତେ ଯେ ଗୁରୁତ୍ୱପୂର୍ଣ୍ଣ ତାକୁ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟ ନିୟମିତ ଓ ନିରନ୍ତର ଭାବେ ନିର୍ବାହ କରିବାକୁ ପଡ଼ିଥାଏ।**



ଆମ ଶରୀରରେ ଯକୃତର ସବୁଠାରୁ ବଡ଼ କାର୍ଯ୍ୟ ହେଉଛି ଏହା ହଜମ ଓ ଚର୍ବି ବିଶୋଷଣ କରିବା ସହ ଏହା ମଧ୍ୟ ପିତ୍ତ ଉତ୍ପାଦନ କରିଥାଏ। ଶରୀର ପାଇଁ ବଳକାରକ ଓ ଶକ୍ତି କାରକ କୁହାଯାଉଥିବା ଗୁରୁତ୍ୱପୂର୍ଣ୍ଣ 'ଗ୍ଲାଇକୋଜେନ' ରୂପୀ 'ଗ୍ଲୁକୋଜ' ତିଆରି କରିବା ସହ ଏହାକୁ ଗଚ୍ଛିତ କରିଥାଏ। କେବଳ ସେତିକି ନୁହେଁ ଚର୍ବି, ପୃଷ୍ଟିସାର, ଶ୍ୱେତସାରର ପ୍ରକ୍ରିୟା କରଣ କରିବା ସହ ଏହାକୁ ଶକ୍ତିରେ ପରିଣତ କରିଥାଏ। ଏହା ବ୍ୟତୀତ ଯକୃତର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି। ରକ୍ତ ଜମାଟ ବାନ୍ଧିବା ଉପାଦାନ ଶରୀରରେ ପୁଷ୍ଟିସାର ସମ୍ମିଶ୍ରଣ ଓ ଶରୀରର ଅନ୍ୟାନ୍ୟ ଅତ୍ୟାବଶ୍ୟକ ପ୍ରମୁଖ ଉପାଦାନ ପ୍ରସ୍ତୁତି ଦାୟିତ୍ୱ ତୁଲାଇଥାଏ। ଶରୀର ପାଇଁ ଦରକାର ପଡୁଥିବା ଏ, ଡି, ଇ, କେ ଆଦି ଭିଟାମିନ ଓ ଖଣିଜ ଲବଣ ଗଚ୍ଛିତ ରଖି ଏହାକୁ ପରିଚାଳନା କରିବା ଦାୟିତ୍ୱ ମଧ୍ୟ ଯକୃତର।

ଯକୃତର ସବୁଠାରୁ ପ୍ରମୁଖ କାର୍ଯ୍ୟଟି ହେଉଛି ଏହା ଶରୀରର ରକ୍ତରୁ ରାସାୟନିକ ଓ ବିଷାକ୍ତ ପଦାର୍ଥକୁ ଛାଣି ତାହାକୁ ପରିସ୍ରା ବା ପିତ୍ତ ଆକାରରେ ବାହାରକୁ ନିର୍ଗମନ କରିଥାଏ। ଶରୀରରୁ ବାହାରୁଥିବା ଆରମୋନିଆ ନାମକ ବିଷାକ୍ତ ବର୍ଜ୍ୟ ପଦାର୍ଥକୁ ଏହା ୟୁରିଆରେ ପରିଣତ କରେ। ପରବର୍ତ୍ତୀ ସମୟରେ ସେ ସବୁ ବୃକକ୍ ବା କିଡ଼ନୀ ଦ୍ୱାରା ଅଲଗା ହୋଇ ପରିସ୍ରାରେ ବାହାରକୁ ଆସିଥାଏ। ସବୁଠାରୁ ରୋଚକ କଥା ହେଉଛି ଆମ ଶରୀରର ଅନ୍ୟ ଅଙ୍ଗ ଯେପରି ଖରାପ ହେଲେ ମରାମତି ବା ବିଶ୍ରାମ ଦରକାର ପଡ଼ିଥାଏ କିନ୍ତୁ ଯକୃତର କାର୍ଯ୍ୟ ପଦ୍ଧତି ସମ୍ପୂର୍ଣ୍ଣ ଅଲଗା। ଏହାର ପୁନଃ ବୃଦ୍ଧିଶୀଳ କ୍ଷମତା ଥିବାରୁ ଯକୃତ ଆଘାତ ପ୍ରାପ୍ତ ହେଲେ କିମ୍ବା କ୍ଷତିଗ୍ରସ୍ତ ହେଲେ ଏହା ସ୍ୱତଃ ନିଜର ମରାମତି କରିଥାଏ। ଯକୃତ କ୍ଷତିଗ୍ରସ୍ତ ହେବାକୁ ଚିକିତ୍ସା ବିଜ୍ଞାନରେ 'ହେପାଟୋସାଇଟିସ୍' କୁହାଯାଏ। ଏହି ହେପାଟୋସାଇଟିସ ବା ଯକୃତ କୋଷିକା ପୁନର୍ବାର ସ୍ୱାଭାବିକ ହୋଇ ନିଜ କାର୍ଯ୍ୟଧାରା ଆଗେଇ ନେଇଥାଏ। ଯକୃତଟି ଆମ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ଏକ ପ୍ରକାର କାର୍ଯ୍ୟ ସମ୍ପାଦନ କରିଥାଏ। ତେଣୁ ଏହାକୁ ଆମ ଶରୀରର ପରୀକ୍ଷାଗାର ମଧ୍ୟ କୁହାଯାଏ। ଏହା ଶରୀରରେ ସବୁଠୁ ଅଧିକ ଉତ୍ତାପ ତିଆରି କରୁଥିବା ଅଙ୍ଗ। ଚିକିତ୍ସା ବିଜ୍ଞାନ ଆଜି ଯକୃତ ଅଧ୍ୟୟନ ଓ ଗବେଷଣାକୁ ନେଇ ଅନେକ ବାଟ ପର୍ଯ୍ୟନ୍ତ ପହଞ୍ଚିଛି। ଯକୃତ ସମ୍ପର୍କରେ ଅଧ୍ୟୟନ ହେଉଛି 'ହେପାଟାଲୋଜି'। ଜଣେ ସାମଗ୍ରିକ ଭାବେ ମନେରଖିବା ଉଚିତ ଯେ, ଶରୀରର ସୁସ୍ଥତା ପାଇଁ ସୁସ୍ଥ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ଯକୃତର ଅପରିହାର୍ଯ୍ୟତା ରହିଛି। ସୁସ୍ଥ ଜୀବନର ମୂଳଦୁଆ ସୁସ୍ଥ ଯକୃତରୁ ହିଁ ଆରମ୍ଭ ହୋଇଥାଏ। ଆମ୍ଭ ମାନଙ୍କର ଶାରୀରିକ ଓ ପାରିପାର୍ଶ୍ୱିକ ଅବସ୍ଥା ସବୁ ଯକୃତ ଜଣାଇଥାଏ। ଆମେ ପ୍ରତିଦିନ ଯାହାସବୁ ଖାଦ୍ୟ ପାନୀୟ ଗ୍ରହଣ କରିଥାଉ ଏହା ହିଁ ଯକୃତର ଅବସ୍ଥା ଉପରେ ନିର୍ଭର କରିଥାଏ। ଶରୀରକୁ ନୀରୋଗ, ସୁସ୍ଥ ଓ ସକାରାତ୍ମକ ଭାବରେ ରଖିଲେ ଯକୃତ ଆପଣା ଛାଏଁ ଭଲ ରହିବ।



ତେଣୁ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ଯକୃତର ଭଲ ମନ୍ଦ ସବୁ ବୁଝି ତାହାର ଦେଖାରଖା କରିବା। ଦେଖନ୍ତୁ, ମାତ୍ର ଗୋଟିଏ କିଲୋ ଓଜନର ଛୋଟିଆ ଯକୃତଟିର କେତେ ଯେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ, ଭୂମିକା ସବୁ ରହିଛି।

**ପ୍ରତିରଦ୍ଧିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ଲିଭର ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

ମହକ

# କଳା, ସାହିତ୍ୟ ଓ ଶିକ୍ଷାଦାନ ସେବାର ଅନବଦ୍ୟ ସ୍ୱର ଓ ସାକ୍ଷର : ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ



ଆମ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଏବଂ ଶିକ୍ଷା ବ୍ୟବସ୍ଥା କଥା ଭାବିଲେ ମନରେ ସ୍ୱତଃ ଜାଗ୍ରତ ହୁଏ ସେହି ପଞ୍ଚସଖା ଯୁଗର ସତ୍ୟବାଦୀ ବନ ବିଦ୍ୟାଳୟ କଥା ଗାଥା ଆଉ ଅମୂଲ୍ୟ ଅମୃତ ସ୍ମୃତି। ଶିକ୍ଷା ଜଣେ ବ୍ୟକ୍ତିତ୍ୱକୁ ନିଜର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇବା ସହ ସମାଜରେ ଉଚ୍ଚ ସ୍ଥାନ ଏବଂ ଯଥୋଚିତ ସମ୍ମାନ ପ୍ରଦାନ କରାଇଥାଏ। ଦେଶର ବିକାଶ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନୂତନ ଚିନ୍ତା, ଚେତନା, ସୃଜନଶୀଳତା, ବୌଦ୍ଧିକ ଓ ମାନସିକ ବିକାଶ ସହିତ ଜୀବନର ସଫଳତା ଆଣିଥାଏ। ଉପଯୁକ୍ତ ଶିକ୍ଷା ଲାଭ ଜଣେ ବ୍ୟକ୍ତିତ୍ୱକୁ ମହାନ୍ ଆଉ ଉଦାହରଣୀୟ କରି ଗଢ଼ିତୋଳେ। କହିବାକୁ ଗଲେ ଆଦର୍ଶ ଶିକ୍ଷକ ଦେଶ ରକ୍ଷକ। ସେହିଭଳି ଜଣେ ଅନନ୍ୟା ପ୍ରତଭା ସଂପନ୍ନା ଅଧ୍ୟାପିକା, ସାହିତ୍ୟିକା, ଆଦର୍ଶ ନାରୀ ପ୍ରତିଭା ହେଇଛନ୍ତି ଶ୍ରୀମତୀ ମନସ୍ୱିନୀ ପଟ୍ଟନାୟକ। ସେ ଅଧୁନା ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର (ଏସଏସବି) ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ଗଂଜାମ ଜିଲ୍ଲା ବୁଗୁଡ଼ା ଉପକଣ୍ଠ ପାଣିକେଶ୍ୱର ଗ୍ରାମରେ ୧୯୯୭ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି ଏବଂ ଅଧୁନା ନୟାଗଡ ଜିଲ୍ଲା ସୀଙ୍ଗାରପଲ୍ଲୀ ଗ୍ରାମରେ ସ୍ୱାମୀ ଇଂ.ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ବିବାହ କରି ସେହିଠାରେ ଅବସ୍ଥାପିତ କରୁଛନ୍ତି। ପଙ୍କରୁ ପଦ୍ମ ଫୁଟିଲା ଭଳି ତାଙ୍କ ଜୀବନ ଇତିହାସ ଯାହାକି ଆମ ସଭ୍ୟ ସମାଜ ପାଇଁ ଆଲୋକ ବର୍ତ୍ତିକା ସଦୃଶ। ବିବେକାନନ୍ଦ ସ୍କୁଲ ଚକେଇସିଆଣିରୁ ବାଲ୍ୟ ଶିକ୍ଷା ଆରମ୍ଭ କରି ପରେ ଭିଏସ୍ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ, ମହର୍ଷି ମହାବିଦ୍ୟାଳୟ ଚନ୍ଦ୍ରଶେଖରପୁରରୁ ଯୁକ୍ତ ଦୁଇ ବିଜ୍ଞାନ, ରମାଦେବୀ ଓମେନସ୍ କଲେଜରେ ଯୁକ୍ତ ତିନି କଳା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଫଳତାର ସହ ପିଜି ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିଦ୍ୟାର୍ଥୀ ସମାଜର ବିକାଶ ନିମନ୍ତେ ସେ ସତତ ଚେଷ୍ଟିତ ଆଉ ଏହି ଦିଗରେ ଗବେଷଣାରତ। ଜଣେ ଆଦର୍ଶ ବତ୍ସଳା ବିଶିଷ୍ଟ ଶିକ୍ଷାବିତ୍ ଭାବରେ ସମାଜରେ ରହିଛି ତାଙ୍କର ଅନେକ ସୁଖ୍ୟାତି ।



ତାଙ୍କ ସାଧନାର ଅନବଦ୍ୟ ସୀକୃତି ସ୍ୱରୂପ ଦର୍ଶନଶାସ୍ତ୍ରରେ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତି କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଉପାଧି ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର୍ ଡ଼କ୍ଟର କବିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଇକୋସୋଫି ପାରାଡିଜିମ୍ ଟୁ ପ୍ରାକ୍ସିସ୍ ୱିଥ ସ୍ପେସିଆଲ ରେଫରେନ୍ସ ଟୁ ଅର୍ନେସେସ୍' ଶୀର୍ଷକ ଗବେଷଣା ନିବନ୍ଧ ପ୍ରସ୍ତୁତ କରିବା ପରେ ଏହା ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ଡ଼କ୍ଟର ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ ଆଇଆଇଟି କାନପୁର ପ୍ରଫେସର୍ ଡ଼କ୍ଟର ବିନୀତ ସାହୁଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ସେ ବରିଷ୍ଠ ସମାଜସେବୀ ରବୀନ୍ଦ୍ର ପଟ୍ଟନାୟକ ଓ ଆଦର୍ଶ ନାରୀ ପ୍ରତିଭା ଜ୍ୟୋତ୍ସ୍ନାବାଳା ପଟ୍ଟନାୟକଙ୍କ ପୁତ୍ରବଧୂ ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ସ୍ୱାମୀ, ଶାଶୁ, ଶ୍ୱଶୁର, ବାପା ବିଶିଷ୍ଟ ସାମାଜିକ କର୍ମୀ ସୁଶାନ୍ତ ପଟ୍ଟନାୟଙ୍କ, ମାତା ଧର୍ମପ୍ରାଣା ବନ୍ଦନାରାଣୀ ପଟ୍ଟନାୟକ, ପରିବାର ବର୍ଗ, ଗୁରୁଜନ, ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ତାଙ୍କୁ ମଧ ରାଜ୍ୟବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସାହିତ୍ୟ ସାଧନା ଦିଗରେ ତାଙ୍କର ଖୁବ୍ ଶ୍ରଦ୍ଧା ତଥା ରୁଚି ରହିଛି ଏପରିକି ବିଦ୍ୟାର୍ଥୀ ଜୀବନରୁ ସେ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରୀୟ ମାଗାଜିନ୍ ମାନଙ୍କରେ ନିଜର ଲେଖିନୀ ଚାଳନା କରି ଖୁବ୍ ପ୍ରଶଂସା ଲାଭ କରିଛନ୍ତି। ଏହି ଏକନିଷ୍ଠ ସାଧିକା କଳାର ଅନନ୍ୟା ପୂଜାରିଣୀ ତଥା ଶିକ୍ଷାବିତ୍ ଅଧ୍ୟାପିକା ମନସ୍ୱିନୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।




ପ୍ରସ୍ତୁତି-ଇଂ ଶ୍ରୀକାନ୍ତ ବେହୁରିଆ

# ଶେଷ ଯାତ୍ରା ସମୟରେ କାହିଁକି କୁହାଯାଏ

## 'ରାମ ନାମ ସତ୍ୟ ହୈ'

**ପଣ୍ଡିତ ସୋମନାଥ ଦାଶ**

ମୃତ୍ୟୁ ହିଁ ଯୁଗ ଯୁଗ ଧରି ଧର୍ମ ତଥା ଧାର୍ମିକ ଜୀବନକୁ ପ୍ରବୋଧିତ କରି ଆସିଛି। ମୃତ୍ୟୁ ହିଁ ମନୁଷ୍ୟକୁ ଅମରତ୍ୱର ଅନୁସନ୍ଧାନରେ ବ୍ରତୀ କରାଇଛି। ଭାଗବତରେ ଅଛି, 'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ।' ଏହା ହେଉଛି ସଂସାରର ଚିରନ୍ତର ସତ୍ୟ। ଏହି ଦୁନିଆରେ କେହି ଅମର ନୁହଁନ୍ତି। ଯିଏ ଜନ୍ମ ହୁଏ, ତା'ର ମୃତ୍ୟୁ ସୁନିଶ୍ଚିତ। ତେବେ ହିନ୍ଦୁ ଧର୍ମ ସହ ଜଡ଼ିତ ଜଣେ ବ୍ୟକ୍ତିଙ୍କ ଶେଷଯାତ୍ରା ସମୟରେ ଶବଦାହକମାନେ 'ରାମ ନାମ ସତ୍ୟ ହୈ, ସବ୍ କୁଛ ଝୁଟ ହୈ' କହିଥାନ୍ତି। ଏହା କାହିଁକି କୁହାଯାଏ ଏହା ପଛର କାରଣ କ'ଣ ? ରାମ ନାମର ମହିମା ଅତୁଳନୀୟ। ରାମଙ୍କ ଠାରୁ ବଡ଼ ତାଙ୍କ ନାମ। ତେବେ ମନୁଷ୍ୟ ନିଜ ଜୀବନରେ ଅର୍ଥ, ପ୍ରତିଷ୍ଠା ଆଦି ଲାଭ କରିବା ପାଇଁ ରାମନାମ ଜପିବାକୁ ଭୁଲିଯାଏ। ନିଜ କାମ ହାସଲ କରିବା ପାଇଁ ଛଳ କପଟର ଆଶ୍ରୟ ନିଏ। କିନ୍ତୁ ମନୁଷ୍ୟ ମୃତ୍ୟୁପରେ ସବୁ ଏହିଠାରେ ଛାଡ଼ି ସେ ଚାଲିଯାଏ। ହିନ୍ଦୁ ମାନ୍ୟତାନୁସାରେ ଶେଷ ଯାତ୍ରାରେ କର୍ମଫଳ ହିଁ ମନୁଷ୍ୟ ସାଙ୍ଗରେ ଯାଇଥାଏ। ଏହି କର୍ମଫଳାନୁସାରେ ମନୁଷ୍ୟର ମୁକ୍ତି କିମ୍ବା ପୁନଃଜନ୍ମ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

ମନୁଷ୍ୟ ମୃତ୍ୟୁକୁ ଭୟ କରେ, ସେ ମରିବାକୁ ଚାହେଁ ନାହିଁ। ସେ ଚିର ଦିନ ବଞ୍ଚି ରହିବାକୁ ଚାହେଁ ଏହା ହିଁ ଦର୍ଶନ ଶାସ୍ତ୍ରର ପ୍ରାରମ୍ଭ ସ୍ତର। ମୃତ୍ୟୁ ଜୀବନର ପରିସମାପ୍ତି ନୁହେଁ, ଏହା କେବଳ ଏକ ବିଶିଷ୍ଟ ସ୍ୱାତନ୍ତ୍ର୍ୟର ଅବସାନ। ଏହା କେବଳ ଏକ ରୂପାନ୍ତର। ମୃତ୍ୟୁ ଜୀବନର ସମାପ୍ତି ନୁହେଁ, ମୃତ୍ୟୁ ହେଉଛି ଜୀବନର ଏକ ଭିନ୍ନ ତତ୍ତ୍ୱ। ଜୀବନ ପଥରେ ଏହା ଏକ ସ୍ୱାଭାବିକ ସଙ୍ଗଠନ। ବ୍ୟକ୍ତିର ବିନାଶ ନିମନ୍ତେ, ବ୍ୟକ୍ତିର ବିବର୍ତ୍ତନ ନିମନ୍ତେ ମୃତ୍ୟୁ ଏକାନ୍ତ ଆବଶ୍ୟକ। ଆପଣ ଯେପରି ଏ ଘରୁ ଆର ଘରକୁ ଯାଉଛନ୍ତି, ଆତ୍ମା ସେହିପରି ଏ ଦେହରୁ ଅନ୍ୟ ଏକ ଦେହକୁ ଯାଉଛି। ଉଦ୍ଦେଶ୍ୟ ହେଉଛି ଅନୁଭୂତି ଅର୍ଜନ କରିବା। ମନୁଷ୍ୟ ଯେପରି ଜୀର୍ଣ୍ଣବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରୁଛି। ଏ ଦେହର ଅନ୍ତରନିବାସୀ ଆତ୍ମା ସେହିପରି ଜୀର୍ଣ୍ଣ ଦେହ ପରିତ୍ୟାଗ କରି ନୂତନ ଦେହରେ ପ୍ରବେଶ କରୁଛି। ଦେହ ଛାଡ଼ି ଚାଲିଯିବା ବେଳେ କିମ୍ବା ନିଜ ସହିତ ମୁଖ୍ୟ ପ୍ରାଣ, ଜ୍ଞାନେନ୍ଦ୍ରିୟ ସକଳ, ମନ, ଅବିଦ୍ୟା, ସତକର୍ମ, ଅସତ୍‌କର୍ମ ତଥା ପୂର୍ବଜନ୍ମର ଅସ୍ପଷ୍ଟ ସ୍ମୃତିକୁ ନେଇଯାଏ ଏବଂ ଯାଇ ଏକ ନୂତନ ଦେହ ଗ୍ରହଣ କରେ। ଏକ ଦେହ ଛାଡ଼ି ଅନ୍ୟ ଦେହକୁ ଚାଲିଯିବାବେଳେ ଏହିସବୁ ଉପାଦାନ ଆତ୍ମାକୁ ସୂକ୍ଷ୍ମ ରୂପରେ ଆବୃତ୍ତ କରି ରଖିଥାନ୍ତି। ଏହି ସକଳ ଉପାଦାନ ନୂତନ ଶରୀରର ବୀଜସ୍ୱରୂପ କାର୍ଯ୍ୟ କରନ୍ତି।


ଶେଷଯାତ୍ରା ସମୟରେ 'ରାମନାମ ସତ୍ୟ ହୈ' କହିବା ଅର୍ଥ ହେଉଛି ଏ ସଂସାରରେ ରାମ ଏକ ମାତ୍ର ସତ୍ୟ, ଅନ୍ୟ ସବୁ ମିଥ୍ୟା। ଏହା ମୃତ ବ୍ୟକ୍ତିକୁ ଶୁଣାଇବା ପାଇଁ କୁହାଯାଇ ନଥାଏ। ଶେଷଯାତ୍ରାରେ ସାମିଲ ଥିବା ବନ୍ଧୁ ପରିଜନଙ୍କ ପାଇଁ କୁହାଯାଏ। ଶବଦାହ କରି ଫେରିଲାବେଳେ କେହି ମଧ ରାମନାମ ଜପ କରନ୍ତି ନାହିଁ। ପୁନଶ୍ଚ ସାଂସାରିକ ମାୟା ବନ୍ଧନରେ ପଡ଼ି ଦୁଃଖକଷ୍ଟ ଭୋଗ କରନ୍ତି। ରାମ ନାମସତ୍ୟ ହୈ କହିବା ପଛରେ ଅନ୍ୟ ଏକ ବିଶ୍ୱାସ ହେଉଛି ଆତ୍ମା ମୁକ୍ତି ପାଇଯିବ। ଆତ୍ମା ଜୀବନ ଚକ୍ରରୁ ମୁକ୍ତ ହେବ। ଏହା ମଧ ବିଶ୍ୱାସ କରାଯାଏ ଯେ, ରାମ ନାମ ଜପ କରି ମୃତକଙ୍କ ପରିବାର ସଦସ୍ୟମାନେ ମାନସିକ ଶାନ୍ତି ପାଆନ୍ତି।

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା,**
**'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,**
**ଦୂରଭାଷ : ୭୦୦୮୦୦୦୮୯୮**

## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୧୨-୧୮)

### ଏଇ ସପ୍ତାହ

ଏପ୍ରିଲ୍ ୧୨, ୧୯୯୨- ହାଇଦ୍ରାବାଦର ହୁସୈନ ସାଗର ହ୍ରଦରେ ବିଶାଳକାୟ ବୁଦ୍ଧ ପ୍ରତିମା ସ୍ଥାପିତ ହୋଇଥିଲା।



ଏପ୍ରିଲ୍ ୧୩, ୧୬୪୮- ଲାଲ୍ କିଲ୍ଲାର ନିର୍ମାଣ ପୁରା ହୋଇଥିଲା।




ଏପ୍ରିଲ୍ ୧୪, ୧୯୯୫-ଭାରତ ଚତୁର୍ଥ ଥର ଏସିଆ କ୍ରିକେଟ୍ ଚମ୍ପିଅନ୍ ହୋଇଥିଲା।



ଏପ୍ରିଲ୍ ୧୫, ୧୮୧୭- ଆମେରିକାରେ ବଧିର ପିଲାମାନଙ୍କ ପାଇଁ ପ୍ରଥମ ସ୍କୁଲ୍ ଖୋଲାଗଲା।



ଏପ୍ରିଲ୍ ୧୬, ୨୦୦୮-ଲଣ୍ଡନ ଠାରେ ଗାନ୍ଧିଜୀଙ୍କର ପ୍ରତିମାର ଅନାବରଣ ହୋଇଥିଲା।



ଏପ୍ରିଲ୍ ୧୭, ୧୯୮୨-କାନାଡ଼ା ସମ୍ବିଧାନକୁ ଆପଣାଇଥିଲା।



ଏପ୍ରିଲ୍ ୧୮, ୧୯୯୧-କେରଳ, ଦେଶର ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ହୋଇଥିଲା।







# ଶାନ୍ତିର ମାର୍ଗ

**ଡ.ଅରୁନ୍ଧତୀ ଦେବୀ**

ଆଜିର ସୂଚନା ପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ମହାଶୂନ୍ୟରେ ବିଚରଣ କରୁଛି । ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି । ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି । କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ । ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ । କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା । କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ । ତ୍ୟାଗଭରା ସ୍ନେହମମତା ବି ନାହିଁ । ସର୍ବୋପରି ମାନବିକତା ବି ନାହିଁ । ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି । ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି । ଯେ କୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି । ନୃଶଂଶ ଭାବେ ରକ୍ତର ହୋଲି ଖେଳୁଛି । ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ । ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି । ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ । ଶିକ୍ଷା ଉପହାସ କରୁଛି । ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂଶ ହତ୍ୟାକାଣ୍ଡ ଘଟାଉଛି । ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକବି ଜଣଙ୍କ ଜୀବନ ନେଇ ପାରୁଛି । ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ ।

ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶାନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି । ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି । ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି । ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ । ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି । ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି । ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା । ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା । ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତ୍ରୁଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି । ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ । ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ । ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍‌ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ । ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା ।

**ନିର୍ଦ୍ଦେଶିକା -**
**ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**



# ପଶୁପକ୍ଷୀଙ୍କୁ ଅଂଶୁଘାତ

ଜଳବାୟୁର ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳରେ ଉତ୍ତାପ କ୍ରମଶଃ ବୃଦ୍ଧି ପାଉଛି। ଜଙ୍ଗଲରେ ଗଛକଟା ଓ ଖରାଦିନେ ଜଙ୍ଗଲରେ ନିଆଁ ପୋଡ଼ି, ଜନସଂଖ୍ୟା ବୃଦ୍ଧି, କଂକ୍ରିଟ ସହର, ବ୍ୟବସାୟଭିତ୍ତିକ ଇଟାଭାଟି ପୋଡ଼ା, ପ୍ରାକୃତିକ ପାଣି ଉତ୍ସର ବିନିଯୋଗରେ ଅସମାନତା, କଳକାରଖାନା ଓ ଯାନବାହନଦ୍ୱାରା ନିର୍ଗତ ଉତ୍ତପ୍ତ ଧୂଆଁ ଏବଂ ଦୂଷିତ ବାୟୁମଣ୍ଡଳ ଯୋଗୁ ଉତ୍ତାପ ବୃଦ୍ଧି ପାଉଅଛି। ଫଳରେ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ଅଂଶୁଘାତର ଶୀକାର ହେଉଛନ୍ତି।

**ଅଂଶୁଘାତ କ'ଣ ?**

ପଶୁପକ୍ଷୀମାନେ ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ, ମସ୍ତିଷ୍କର ହୋଇପୋଥାଲାମସ୍‌ରେ ଥିବା ତାପନିୟନ୍ତ୍ରଣ କେନ୍ଦ୍ରରେ କ୍ଷତ ସୃଷ୍ଟି ହେବା ଯୋଗୁ ଶରୀରରେ ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରରେ ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ। ତେଣୁ ପଶୁପକ୍ଷୀ ଏବଂ ମନୁଷ୍ୟ ଅକ୍ଲେଶରେ ଅଂଶୁଘାତର ଶୀକାର ହୋଇଥାନ୍ତି।

**ଅଂଶୁଘାତ କେଉଁ ପ୍ରାଣୀମାନଙ୍କୁ ହୋଇଥାଏ ?**

କୁକୁରମାନଙ୍କର ଉତ୍ତାପ ନିୟନ୍ତ୍ରଣ ରୋଧ କରିବା ଶକ୍ତି ଏବଂ ବିରାଡ଼ିଙ୍କର ସୀମିତ ଉତ୍ତାପ ନିୟନ୍ତ୍ରଣ ଶକ୍ତି ଯୋଗୁ ଅଂଶୁଘାତ ସଙ୍ଗଠିତ ହୋଇଥାଏ। କୁକୁର ପାଗଳା ପରି ଧାଇଁ ଏଣେତେଣେ ବୁଲନ୍ତି ଏବଂ ଭୁକିବା ସହିତ କାମୁଡ଼ିବାକୁ ଗୋଡ଼ାନ୍ତି। ମେଣ୍ଢାର ଚମଡ଼ା ମୋଟା ଥିବାରୁ ଶରୀରରେ ଉତ୍ତାପ ଠିକ୍ ଭାବେ ନିୟନ୍ତ୍ରିତ ହୋଇପାରେ ନାହିଁ। ଫଳରେ ଅଂଶୁଘାତରୁ ଶୀକାର ହୁଅନ୍ତି। ଘୁଷୁରୀମାନଙ୍କର ଫୁସ୍‌ଫୁସ୍ ଜରିଆରେ ଶ୍ୱାସକ୍ରିୟା ସମୟରେ ସୀମିତ ତାପ ବିକିରଣ ଯୋଗୁ ଶରୀର ଉତ୍ତାପ ବୃଦ୍ଧି ପାଇଥାଏ। ଘୋଡ଼ାମାନଙ୍କର ଅତ୍ୟଧିକ ଶାରୀରିକ ପରିଶ୍ରମ ଯୋଗୁ ଅଂଶୁଘାତ ହୋଇଥାଏ। ଶଙ୍କରଜାତୀୟ ଗାଈଗୋରୁଙ୍କର (ହଲ୍‌ଷ୍ଟିନ୍, ଜର୍ସି) ସୂକ୍ଷ୍ମ ପତଳା ଚମଡ଼ା ଏବଂ ଜିନୀୟ ବା ଗୁଣସୂତ୍ର ଧର୍ମ ଯୋଗୁ ଅଂଶୁଘାତର ସମ୍ମୁଖୀନ ହୁଅନ୍ତି।



ସାଧାରଣତଃ, ଗାଈଗୋରୁଙ୍କଠାରେ ଦୁଇ ପ୍ରକାର ଅଂଶୁଘାତ ପରିଲକ୍ଷିତ ହୁଏ। ପ୍ରଥମଟି ହେଲା - ପତଳା ଚମଡା ବିଶିଷ୍ଟ ପଶୁପକ୍ଷୀ ବା ଶଙ୍କର ଜାତୀୟ ଗାଈଗୋରୁଙ୍କ ମୁଣ୍ଡ ଉପରେ ସୂର୍ଯ୍ୟକିରଣ ପ୍ରଖର ରୌଦ୍ରତାପ ରଶ୍ମି ପ୍ରତ୍ୟକ୍ଷ ଭାବେ ସିଧାସଳଖ ପଡ଼ିଲେ ମସ୍ତିଷ୍କରେ ଥିବା ସେରିବ୍ରାଲ୍ ରକ୍ତନାଳୀ ଗୁଡ଼ିକ ସମ୍ପ୍ରସାରିତ ହେବାଦ୍ୱାରା ରକ୍ତସ୍ରାବ ସୃଷ୍ଟି ହୋଇ ପାରାଲିସିସ୍ ବା ପକ୍ଷାଘାତ ସୃଷ୍ଟି ହୁଏ ଏବଂ ପ୍ରାଣୀ ମୃତ୍ୟୁ ମୁଖରେ ପଡ଼ନ୍ତି। ପ୍ରାଣୀର ଏହି ଅବସ୍ଥାକୁ ସୂର୍ଯ୍ୟାଘାତ କହନ୍ତି।

**ଦ୍ୱିତୀୟଟି ହେଲା** - ପଶୁପକ୍ଷୀଙ୍କ ଶରୀର ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ ଶରୀରରେ ଉତ୍ତାପ ବୃଦ୍ଧି ଘଟିଥାଏ। ଫଳରେ ଶରୀର ତାପ ନିୟନ୍ତ୍ରଣ ଶକ୍ତିର ଦକ୍ଷତା ହରାଇ ବସେ ଏବଂ ପଶୁପକ୍ଷୀ ମୃତ୍ୟୁବରଣ କରନ୍ତିଫ ଏପରି ଅବସ୍ଥାକୁ ଅଂଶୁଘାତ କହନ୍ତି । ଅତ୍ୟଧିକ ପରିଶ୍ରମ ଏହି ସମୟରେ କରାଇଲେ ଏହି ଅବସ୍ଥା ସାଙ୍ଘାତିକ ଆଡ଼କୁ ଗତିକରେ। ଉପଯୁକ୍ତ ବାୟୁ ଚଳାଚଳରେ ଅବ୍ୟବସ୍ଥା, କମ୍ ଓ ଅନିୟମିତତା ପିଇବା ପାଣିର ଯୋଗାଣ, ଅତ୍ୟଧିକ ମୋଟା ହୋଇଥିବା ପଶୁପକ୍ଷୀ, ଖରାଦିନେ ପଶୁପକ୍ଷୀଙ୍କୁ ନିଷ୍ଠୁରତା ପ୍ରଦାନ ଆଦି ଯୋଗୁ ମୁଖ୍ୟତଃ ଏହି ଅବସ୍ଥା ଉପୁଜିଥାଏ।

**ଅଂଶୁଘାତର କାରଣ ?**

●ଗ୍ରୀଷ୍ମଋତୁର ଦିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ଘଟିବା।
●ଜଳବାୟୁର ଆର୍ଦ୍ରତା ବୃଦ୍ଧି ପାଇବା।
●ପଶୁପକ୍ଷୀଙ୍କୁ ମୁକ୍ତ ବାୟୁ ଚଳାଚଳର ସୁବିଧା ନ ଥାଇ ଆବଦ୍ଧ ଘରେ ରଖିବା।
●ପଶୁପକ୍ଷୀଙ୍କୁ ଗହଳିରେ ରଖିବା, ସାଧାରଣତଃ ୫ଶହ କେ.ଜି. ଓଜନର ଗାଈ ୨୪ ଘଣ୍ଟାରେ ୧୨୦୦ ୱାଟ୍ ତାପଶକ୍ତି ଶରୀରକୁ ଉତ୍ପନ୍ନ କରିଥାନ୍ତି।
●ପଶୁପକ୍ଷୀଙ୍କୁ ପରିବହନ ବା ସ୍ଥାନାନ୍ତର ସମୟରେ ଜଳବାୟୁ ପରିବର୍ତ୍ତନ ସଂସ୍ପର୍ଶରେ ଆସିବା।
●ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରାଇବା, ବିରକ୍ତି କରାଇବା।
●ଗରମ ଦିନରେ ସୀମିତ ପିଇବାପାଣି ଯୋଗାଇବା।
●ପ୍ରାଣୀଙ୍କ ଶରୀରକୁ ଅଧିକ ସମୟ ଗରମଯୁକ୍ତ ଲୁଗା ଘୋଡ଼ାଇ ରଖିବା।
●ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି କିମ୍ବା ନିବୁଜ କ୍ରେଟ୍ ମଧ୍ୟରେ ରଖି ନେବାଆଣିବା କରିବା।
●ଅଳ୍ପବୟସ୍କ ଓ ବୟସ୍କ ପ୍ରାଣୀଙ୍କଠାରେ ବାହ୍ୟ ଉତ୍ତାପ ସହିବା ଦକ୍ଷତା କମ୍ ଥିବା।
●ଅତ୍ୟଧିକ ମୋଟା ହୋଇଥିବା ପ୍ରାଣୀ।

ଅଂଶୁଘାତରେ ଶରୀରରେ ଘଟୁଥିବା ବିଭିନ୍ନ ପ୍ରକ୍ରିୟା :

କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ କ୍ଷତ ସୃଷ୍ଟି, ଫୁସ୍‌ଫୁସ୍‌ର ସ୍ପନ୍ଦନ ସହିତ ଶ୍ୱାସକ୍ରିୟାର ବେଗ ବୃଦ୍ଧି, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ଶରୀରରେ କମ୍ପ ସୃଷ୍ଟି ସହିତ ଢ଼ଳ ଢ଼ଳ ହେବା, ଚେତାଶୂନ୍ୟ ହୋଇ ନିସ୍ତେଜ ହେବା, ଶ୍ୱାସକ୍ରିୟା ବନ୍ଦ ହୋଇଯିବା, ଶେଷରେ ପଶୁପକ୍ଷୀଙ୍କର ମୃତ୍ୟୁ ଘଟିବା।

**ଅଂଶୁଘାତର ଲକ୍ଷଣ :**

●ପଶୁପକ୍ଷୀ କିଛି ଖାଆନ୍ତି ନାହିଁ; କ୍ଷୀଣ, ଦୁର୍ବଳ ବା ଅବସନ୍ନ ଦେଖାଯାନ୍ତି।
●ଶ୍ୱାସକ୍ରିୟା ଏବଂ ନାଡ଼ିର ବେଗ ବଢ଼ିଯାଏ।
●ପାଟିବାଟେ ନିଃଶ୍ୱାସ ନେବା ସହିତ ଧକେଇ ହୁଅନ୍ତି।
●ଜିଭ ପଦାକୁ ସମୟେ ସମୟେ ବାହାରି ଆସେ।
●ପାଟିରୁ ଓ ନାକପୁଡ଼ାରୁ ଫେଣ (ଋକ୍ସ୍ୱକ୍ଷପ୍ସଷଚ୍ଛ ଯସସ୍ୱମଷବକ୍ସଶର) ପରି ନିର୍ଗତ ହୁଏ।
●ଆଖିର ଶ୍ଳେଷ୍ମା ଝିଲ୍ଲୀ (conjuctiva) ଲାଲ୍ ପରି ଦିଶେ।
●ଫୁସ୍‌ଫୁସ୍‌ର ଗତି ବଢ଼ିଯାଏ।
●ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟି ସ୍ଥିର ରୁହେ।
●ହୃତ୍‌ପିଣ୍ଡର ବେଗ ବା ସ୍ପନ୍ଦନରେ ଅନିୟମିତତା ଦେଖାଯାଏ।
●ପଶୁପକ୍ଷୀଙ୍କ ଶରୀରରେ କମ୍ପ ସୃଷ୍ଟି ହୁଏ।
●ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସସ୍ ଘଟେ।
●ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ।
●ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।

ଯଦି ସନ୍‌ଷ୍ଟ୍ରୋକ୍ ଜନିତ ଅଂଶୁଘାତ ଘଟେ, ତାହାହେଲେ ପ୍ରଥମରୁ ପଶୁପକ୍ଷୀଙ୍କଠାରେ ଅତ୍ୟଧିକ ଉତ୍ତେଜନା ଓ ଅସ୍ଥିରତା ପରି ଲକ୍ଷଣ ପ୍ରକାଶ ପାଇଥାଏ। ଏହାର ଉତ୍କଟ ରୂପ ଦେଖାଗଲେ, ଶରୀରରେ କେତେକ ମାଂସପେଶୀରେ ପକ୍ଷଘାତ ସୃଷ୍ଟି ହୁଏ। ଫଳରେ ପ୍ରାଣୀମାନେ ଶ୍ୱାସକ୍ରିୟା ହରାଇ ମୃତ୍ୟୁବରଣ କରନ୍ତି।

**ଅଂଶୁଘାତ ଦୂରୀକରଣ ପାଇଁ କେତେକ ଆଶୁ ପଦକ୍ଷେପ :**

●ସମସ୍ତ ପଶୁପକ୍ଷୀଙ୍କୁ ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ରଖନ୍ତୁ। ଗୃହକୁ ଦିନବେଳା ଛାଇ ପରିବେଶରେ ରଖିବାକୁ ପଦକ୍ଷେପ ନିଅନ୍ତୁ। ଦିନବେଳା ଗାଈଗୋରୁଙ୍କୁ ଗଛ ଛାଇମୂଳେ ରଖନ୍ତୁ।
●ଘରର ସମସ୍ତ ଦ୍ୱାର ଓ ଝରକା ଖୋଲା ରଖନ୍ତୁ।
●ପଶୁପକ୍ଷୀଙ୍କୁ ରଖାଯାଇଥିବା ପ୍ରତ୍ୟେକ ଘରେ ସିଲିଂ ପଙ୍ଖାର ବ୍ୟବସ୍ଥା କରନ୍ତୁ।
●ଗାଈଗୋରୁଙ୍କୁ (ଶଙ୍କରାଜାତୀୟ) ଦିନକୁ ଥରେ କିମ୍ବା ଦୁଇଥର ବରଫ ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ। କୁକୁରର ଦେହ ଏବଂ ଅଙ୍ଗପ୍ରତ୍ୟଙ୍ଗକୁ ବରଫ ପାଣିରେ ବୁଡ଼ାଇ ରଖନ୍ତୁ।
●ଅଂଶୁଘାତରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଶରୀର ଚର୍ମର ଉପରିଭାଗରେ ବରଫ ଖଣ୍ଡରେ ଘଷନ୍ତୁ କିମ୍ବା କପଡ଼ା ଭିଜା ବରଫ ଥଣ୍ଡାପାଣିରେ ଶରୀରକୁ ପୋଛି ଆଣନ୍ତୁ।
●ପ୍ରାଣୀମାନଙ୍କୁ ବରଫ ଖଣ୍ଡ ଚାଟିବାକୁ ଦିଅନ୍ତୁ।
●ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।
●ଘରର ଛପର ଉପରେ କଞ୍ଚା ନଡ଼ିଆ ବାଉଁଙ୍ଗା, ଜାମୁଡ଼ାଳ, ଛଣ ବା ନଡ଼ା ଆଦି ପକାଇ ଘୋଡ଼ାଇ ରଖନ୍ତୁ।
●ଆଗାମୀ ବର୍ଷପାଇଁ ବର୍ଷାଦିନର ପ୍ରାରମ୍ଭରେ ଛାଇ ପ୍ରଦାନ କରୁଥିବା ଗଛ ଯଥା - ନଡ଼ିଆ, ଦେବଦାରୁ, ସୁବାବୁଲ, ଅଗସ୍ତି, କୃଷ୍ଣଚୂଡ଼ା ଆଦି ଧାଡ଼ିକରି ଲଗାନ୍ତୁ।
●ଘରର ଦ୍ୱାର ଓ ଝରକାର ବାହାରେ ଦିନବେଳା ଓଦା ଅଖା ବା ବେଣାମୁଡ଼ା ଚେରର ପରଦା ଟାଙ୍ଗନ୍ତୁ ଏବଂ ଖରା କମିଲେ ଏହାକୁ ଉପରକୁ ଟେକନ୍ତୁ।

**ଅଂଶୁଘାତର ଚିକିତ୍ସା :**

●ମୁଣ୍ଡର ଉପରିଭାଗରେ ଥଣ୍ଡା ପାଣି ଢ଼ାଳିବା ସହିତ ବରଫ ଥଣ୍ଡା ପାଣି ଭିଜା କପଡ଼ାରେ ସମ୍ପୂର୍ଣ୍ଣ ଶରୀରକୁ ପୋଛି ଆଣନ୍ତୁ। କେତେକ ପ୍ରାଣୀଙ୍କ ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇ ରଖିଲେ ମଧ୍ୟ ପ୍ରାଣୀ ଆରୋଗ୍ୟ ଲାଭ କରେ।
●ବରଫ ଥଣ୍ଡା ନର୍ମାଲ ସାଲାଇନ୍ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଜଳଶୁଷ୍କତା ପ୍ରାଣୀମାନଙ୍କୁ ଦିଆଯାଏ।
●ଆସ୍‌ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକସନ୍ ଶରୀରରେ ଉତ୍ତାପ କମାଇବା ପାଇଁ ଦିଆଯାଇଥାଏ।
●ଷ୍ଟିରଏଡ୍ (ଉରଙ୍ଘବଙ୍କରସ୍ପଷବସ୍ୱକ୍ଷଭର) ଇଞ୍ଜେକ୍‌ସନ୍ ସେରିବ୍ରାଲ୍ ଏଡ଼ିମୋ ଏବଂ ସକ୍ (ଝଷକ୍ଷମଳ)ରୁ ରକ୍ଷା ପାଇବାପାଇଁ ଦିଆଯାଏ।
●ପ୍ରାଣୀମାନଙ୍କର ଅସ୍ଥିରତା ରୋକିବାପାଇଁ ଟ୍ରାଙ୍କୁ ଲାଇଜର ଯଥା - ସିକ୍ୟିଲ୍, ଲାର୍ଗାକ୍ଟିଲ୍ ଇଞ୍ଜେକ୍‌ସନ୍ ଇତ୍ୟାଦିର ସାହାଯ୍ୟ ନିଆଯାଏ।
●ସୋଡ଼ିୟମ୍ ବେଞ୍ଜଏଟ୍ ଟ.୫-୧୦ ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍‌ସନ୍ ଆକାରରେ ଦିଆଯାଏ।
●ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବାପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ।
●ସମସ୍ତ ରୋମନ୍ଥନ ପ୍ରାଣୀମାନଙ୍କୁ ରାତ୍ରର ଥଣ୍ଡା ପ୍ରହରରେ ପୁଷ୍ଟିକର ସୁଷମ ଦାନା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଉଚିତ ଏବଂ ଦିନରେ ସବୁଜ ଘାସ, ଆଜୋଲା, ନଡ଼ାକୁଟା ଆଣି ଦେବା ଦରକାର।

ଅଂଶୁଘାତର ହୋମିଓପାଥିକ ଚିକିତ୍ସା :

**ସନ୍‌ଷ୍ଟ୍ରୋକ୍ ପାଇଁ ଚିକିତ୍ସା :**

●ଆକୋନିଟମ୍ ନାପେଲସ-୩୦ :ଏହା ପ୍ରାଣୀଙ୍କୁ ଉତ୍ତେଜନା ଓ ଅସ୍ଥିରତାରୁ ମୁକ୍ତ କରିଥାଏ। ମାତ୍ରା- ପ୍ରତି ଅଧଘଣ୍ଟା ବ୍ୟବଧାନରେ ୪ଟି ପାନ।
●ବେଲାଡ଼ୋନା-୩୦ :ଏହା ସେରିବ୍ରାଲ୍ ରକ୍ତସ୍ରାବ, ଉତ୍ତେଜନା, ଆଖିପତା ଚଉଡ଼ା କମାଇବାରେ ସାହାଯ୍ୟ କରେ। ମାତ୍ରା : ପ୍ରତି ଅଧଘଣ୍ଟା ବ୍ୟବଧାନରେ ୪ଟି ପାନ।
●ଗ୍ଲୋନୋଇନ୍-୩୦ : ଅଂଶୁଘାତରେ ପୀଡ଼ିତ ପ୍ରାଣୀ ମୁଣ୍ଡକୁ କଠିନ ପଦାର୍ଥ ବା ମାଟି ଉପରେ ଘଷିଲେ ଏବଂ ଛାଟିପିଟି ହୋଇ ଗୋଟିଏ କଡ଼ମାଡ଼ି ଶୋଇ ରହିଲେ, ଏହା କାମଦିଏ। ମାତ୍ରା : ପ୍ରତି ୧ଘଣ୍ଟାରେ ଥରେ ଏହିପରି ୪ଟି ପାନ।

**ଅଂଶୁଘାତ ପାଇଁ ଚିକିତ୍ସା :**

●ଗ୍ଲୋନୋଇନ୍-୩୦, ୨୦୦ : ମାତ୍ରା : ପ୍ରତି ଘଣ୍ଟାରେ ଥରେ ଲେଖାଏଁ ୫ଟି ପାନ।
●ନାଟମ୍ ମ୍ୟୁରିଏଟିକମ୍ : ଏହା ଶରୀରର ଲବଣାଂଶ ସଂରକ୍ଷଣ କରିବାରେ ସାହାଯ୍ୟ କରେ। ମାତ୍ରା : ପ୍ରତି ୩ ଘଣ୍ଟାରେ ଥରେ କରି ୪ଟି ପାନ।
●ସଲ୍‌ଫର୍-୩୦ :ଏହା ଶରୀରରେ ଉତ୍ତାପ କମାଇବାରେ ସାହାଯ୍ୟକରେ। ମାତ୍ରା: ପ୍ରତି ୩ ଘଣ୍ଟାରେ ଥରେ କରି ୫ଟି ପାନ।
●ଜେ.ପି. -୩ ଏକ୍ସଏବଂ ଏନ୍.ଏମ୍.-୩ ଏକ୍ସ: ମିକ୍ସଚର ଦେଲେ ମଧ୍ୟ ଉତ୍ତମ ଫଳ ମିଳେ।

**ପଶୁପକ୍ଷୀଙ୍କର ଖରାଦିନେ ଆରାମ ପାଇବା ପାଇଁ ଉପଯୁକ୍ତ ଆଶ୍ରୟସ୍ଥଳ (ବାୟୁ ଚଳାଚଳ, ଛାଇପ୍ରଦାନ ଇତ୍ୟାଦି) ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ।**

●ଡା.ବୀରକିଶୋର ପରିଡ଼ା

ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ନାଟକକୁ ନେଇ କେବଳ ବଞ୍ଚିଛି- ନିର୍ଦ୍ଦେଶକ ଦିନେଶ ଦାସ



ନାଟକ ମୋର ପେସା, ନିଶା, ବେଉସା। ମାଛ ଯେମିତି ପାଣି ବିନା ବଞ୍ଚିପାରିବ ନାହିଁ, ମୁଁ ସେମିତି ନାଟକକୁ ଛାଡ଼ି ବଞ୍ଚି ପାରିବି ନାହିଁ। ନାଟକ ମୋ ଶିରାପ୍ରଶିରାରେ ରକ୍ତ ପ୍ରବାହିତ ହେଲା ପରି ମୋ ଜୀବନ ତନ୍ତ୍ରୀକାରେ ଯୋଡ଼ି ହୋଇ ରହିଛି। ନାଟକ ବିନା ମୋ ଜୀବନ ଶୂନ୍ୟ। ମୁଁ ନାଟକକୁ ଯେତିକି ବୁଝେ, ନାଟକ ମଧ୍ୟ ମୋତେ ସେତିକି ବୁଝେଇ ଦିଏ ଜଣେ ନାଟୁଆର ସତ୍ତା। କେବେ ମୁଁ ନାଟକକୁ ଛାଡ଼ି ପାରିବି, ନା ନାଟକ ମୋତେ କେବେ ଛାଡ଼ି ପାରିବ। ଏହି ନ୍ୟାୟରେ ମୁଁ ଚାଲିଛି ଯେ ଚାଲିଛି, ପଛକୁ ଫେରି ଚାହିଁବାର ଅଭିଳାଷ କେବେ ରଖିନି। ଏହାଥିଲା ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସଙ୍କର ନାଟକ ଓ ନିଜ ଜୀବନକୁ ନେଇ ଅଭିବ୍ୟକ୍ତି। ନାଟକ କେମିତି ଛାଇ ପରି ଜୀବନ ସହିତ ରହିଗଲା ବୋଲି ପଚାରିବା ପରେ ସେ କହିଥିଲେ-ମୋ ବାପା ନିତ୍ୟାନନ୍ଦ ଦାସ ଥିଲେ ଜଣେ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ। ପିଲାଟି ଦିନରୁ ତାଙ୍କ ନାଟକ ନିର୍ଦ୍ଦେଶନା ଦେଖି ପ୍ରଭାବିତ ହୋଇଥିଲି। ମୁଁ ପିଲାଟି ବେଳୁ ନାଟକରେ ଅଭିନୟ କରୁଥିଲି। ଘରକୁ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଠାରୁ ଆରମ୍ଭ କରି ନଟବର ସେଣ, ଦୁଃଖୀରାମ ସ୍ୱାଇଁ, ବାଞ୍ଛାନିଧି ଶତପଥୀଙ୍କ ପରି ବହୁ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱଙ୍କର ଯିବା ଆସିବା ଥାଏ। ମାଟ୍ରିକରେ ପାଠ ପଢ଼ିବାବେଳକୁ ମୁଁ ପ୍ରଥମେ ନାଟକ 'ଚାଳଘର ଝିଅ କୋଠାଘର ବୋହୂ'ର ନିର୍ଦ୍ଦେଶନା ଦେଇଥିଲି। ସେତେବେଳେ ପ୍ରାୟ ପ୍ରତି ଗାଁରେ ଯାତ୍ରା ପରିବେଷଣ ହେଉଥିଲା। ଗାଁର କଳାକାରମାନେ ମାସ ମାସ ଧରି ନାଟକ ପ୍ରସ୍ତୁତ କରି ପରିବେଷଣ କରୁଥିଲେ। ମୁଁ ଗାଁ ଡ୍ରାମାରେ ନିର୍ଦ୍ଦେଶନା ଦେଇ ନିଜ ଅଜାଣତରେ ନିର୍ଦ୍ଦେଶକଟିଏ ପାଲଟିଯାଇଥିଲି। ଗ୍ରାଜୁଏସନ ପରେ ମୁଁ ବିଭିନ୍ନ ବେସରକାରୀ ନାଟକ ଅନୁଷ୍ଠାନରୁ ନାଟକ ଶିଖିବା, ନିର୍ଦ୍ଦେଶନା ଦେବା କାର୍ଯ୍ୟ କରିଥିଲି। ଏଥିପାଇଁ ମୁଁ ଓଡ଼ିଶା ଛାଡ଼ି ଦେଶର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲି। ନାଟକକୁ ନେଇ ଅନେକ ପରୀକ୍ଷାନିରୀକ୍ଷା ମଧ୍ୟ କରିଛି। ସ୍ୱତନ୍ତ୍ର ତାଲିମ ନେଇଛି, ବିଭିନ୍ନ କର୍ମଶାଳାରେ ଯୋଗ ଦେଇଛି ଓ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଗଢ଼ି ତୋଳିବାକୁ ଅନେକ ପ୍ରୟାସ କରିଛି। ନାଟକର ବ୍ୟାକରଣ, ତତ୍ତ୍ୱ ଜାଣିବା ସହିତ ନାଟକ ସମ୍ବନ୍ଧୀୟ ଅନେକ ପୁସ୍ତକ ପଢ଼ିବାର ସୁଯୋଗ ପାଇଛି। କେବେ ଓ କାହିଁକି ସୌଖୀନ ରଙ୍ଗମଞ୍ଚକୁ ଆପଣେଇନେଲେ ବୋଲି ପଚାରିବା ପରେ ସେ କୁହନ୍ତି-୨୦୦୦ ମସିହାରେ 'ଅଲ୍‌ଟର୍ନେଟିଭ ରିଦିମ୍ ଥିଏଟର' ନାମକ ଏକ ସଂସ୍ଥା ଗଢ଼ି ଅନେକ ନାଟକ ପ୍ରସ୍ତୁତ କରିଛି। କେବଳ ରାଜ୍ୟ କି ଦେଶ ନୁହେଁ ବିଦେଶରେ ମଧ୍ୟ ନାଟକ ପରିବେଷଣ କରିବାର ସୁଯୋଗ ପାଇଛି। ବର୍ତ୍ତମାନ ସୁଦ୍ଧା ୩୮ଟି ନାଟକ ନିଜେ ଲେଖିବା ସହ ନିର୍ଦ୍ଦେଶନା ଦେଇଛି, ଯାହା ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରରେ ଅନେକ ସୁନାମ ଅର୍ଜନ କରିଛି। ଏହା ବ୍ୟତୀତ ଶହେରୁ ଊର୍ଦ୍ଧ୍ୱ ଏକମୁଖି ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେବା ସହିତ ମୋଟାମୋଟି ସମସ୍ତ ପ୍ରକାର ନାଟକକୁ ମିଶେଇଲେ ୩୦୦ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଥିବା କୁହନ୍ତି ଦିନେଶ।

ଦିନେଶ ନିଜେ ଲେଖି ନିର୍ଦ୍ଦେଶନା ଦେଇଥିବା ନାଟକ ମଧ୍ୟରେ ରହିଛି...ଅ ଆ ଇ, ମେଘଦୂତମ୍, ଛାଇ, ତୁଠପଥର, ପୁନଶ୍ଚ ସତ୍ୟାଗ୍ରହ, ପୌରଷ, ଅଧା ଅଧା, ଦେବଦାସୀ, ମୁକ୍ତି ସଳିତା, ବାଘ ନେଇଗଲା ଦୌଡ଼ିଆସ, ସିଡ଼ି, ଦୌଡ଼, ଗିରିଗିଟ୍ ଭଳି ନାଟକ। ସେ ମଧ୍ୟ ଚଷମା, ହୋପ୍, ସୃଷ୍ଟି ଭଳି ତିନୋଟି ବିଜ୍ଞାନ ନାଟକ ଲେଖି ଓ ନିର୍ଦ୍ଦେଶନା ଦେଇ ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସାହିତ୍ୟ ଏକାଡେମୀ ଦ୍ୱାରା ମନୋନୀତ ହୋଇ 'ମେଞ୍ଚାଏ ଦୀର୍ଘଶ୍ୱାସ' ନାଟକ ମୁଦ୍ରଣ ହେବା ସହ ରାଜାରାମମୋହନ ରାୟ ଲାଇବ୍ରେରୀ ଅନୁଦାନରେ ସାରା ସ୍କୁଲ-କଲେଜକୁ ସରକାର ଯୋଗାଇ ଦେଇଛନ୍ତି। ୨୦୨୨ରେ କିନ୍ନରମାନଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ କରିଥିବା ପରୀକ୍ଷାଧର୍ମୀ ନାଟକ 'ଅଧାଅଧା'କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ମୁଦ୍ରିତ କରିଛି।

୨୦୨୨/୨୩ ମସିହାରେ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ରଙ୍କ ଅନୁପ୍ରେରଣାରେ ଯାତ୍ରାକୁ ପ୍ରବେଶ କରିଥିଲେ। ପ୍ରଥମେ ସେ ଯାତ୍ରା ରଙ୍ଗମହଲ ପାଇଁ ପୁରୁଷର ଦେହ ନାରୀର ମନ ନାଟକକୁ ନିଜେ ଲେଖିବା ଓ ନିର୍ଦ୍ଦେଶନା ଦେବା ସହ ନାଟକକୁ ସୁପରହିଟ୍ କରେଇ ପାରିଥିଲେ। ପୁରୁଷର ମନ ନାରୀରର ଦେହ ନାଟକ ସେତେବେଳେ ବେଶ ଚର୍ଚ୍ଚାକୁ ଆସିପାରିଥିଲା। ପରେ ଯାତ୍ରା ସିଂହବାହିନୀ ପାଇଁ ବଡ଼ ବେଦରଦୀ କଳାସାଆନ୍ତ ଓ କଳିଙ୍ଗର ହେ ଈଶ୍ୱର ମୋତେ ମୃତ୍ୟୁ ଦିଅ ନାଟକର ନିର୍ଦ୍ଦେଶନା ଦେଇ ବେଶ୍ ଚମକେଇ ଦେଇଥିଲେ, ଯାହାର ନାଟ୍ୟ ରଚନା କରିଥିଲେ ଡ.ଦୀପକ ଜେନା। ଏମିତି ଓଡ଼ିଆ ଯାତ୍ରା ନାଟକର ଯାତ୍ରା ଅନେକ ବାଟ ନେଇ ଆସିଥିଲେ ବି ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛନ୍ତି। ଯାତ୍ରା ଇନ୍ଦ୍ରଭୁବନରେ ନ'ଅଙ୍କ ଦୁର୍ଭିକ୍ଷକୁ ନେଇ ନାଟକ ପ୍ରସ୍ତୁତ କରିବା ଓ ଦର୍ଶକଙ୍କ ପାଖରେ ପହଞ୍ଚେଇବା ମଧ୍ୟ ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ଯାତ୍ରା ନାଟକରେ ଏଭଳି ପରୀକ୍ଷାନିରୀକ୍ଷା କରି ନୂଆ ଉଦାହରଣ ସୃଷ୍ଟି ପାରିଛନ୍ତି। କେବଳ ସାମାଜିକ ନୁହେଁ, ବରଂ ଐତିହାସିକ, ପୌରାଣିକ କାହାଣୀକୁ ନେଇ ଯଦି ଠିକ ଭାବରେ ପ୍ରସ୍ତୁତ କରାଯାଇପାରିଲା, ଦର୍ଶକ ନିଶ୍ଚିତ ଦେଖିବାକୁ ପସନ୍ଦ କରିବେ।

ଦିନେଶଙ୍କ ଜନ୍ମସ୍ଥାନ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ପଡା ଗ୍ରାମରେ ହୋଇଥିବାବେଳେ ବାପାଙ୍କର କର୍ମକ୍ଷେତ୍ର ଗୋବିନ୍ଦପୁର ଥିବା କାରଣରୁ ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ ବି ସାରା ବିଶ୍ୱରେ ନାଟକକୁ ନେଇ ନିଜର ମହକ ବିଚ୍ଛୁରିତ କରିପାରିଛନ୍ତି। ସେ ପ୍ରସ୍ତୁତ କରିଥିବା ଓ ନିର୍ଦ୍ଦେଶନା ଦେଇଥିବା ନାଟକ ଆଜି ଓଡ଼ିଆ ଅସ୍ମିତାର ସ୍ୱାକ୍ଷର ବହନ କରେ। ନିଜର ଜାତି, ମାଟି, ସଂସ୍କୃତି ପାଇଁ ଓଡ଼ିଆ ନାଟକକୁ ଯେଉଁ ସ୍ଥାନରେ ପହଞ୍ଚେଇ ପାରିଛନ୍ତି, ତାହା ଅବିସ୍ମରଣୀୟ ହୋଇ ରହିବ। ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଜଣେ ପ୍ୟାନେଲ ଡାଇରେକ୍ଟର ଭାବରେ କାର୍ଯ୍ୟ କରିବା ସହ ଅନେକ କର୍ମଶାଳା, ପ୍ରଶିକ୍ଷଣ ଶିବିରରେ ନିଷ୍ଠାପର ସହ ନାଟକ ପାଇଁ ଯେଉଁସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି, ସେଥିପାଇଁ ଓଡ଼ିଆ ଜାତି ସବୁଦିନ ପାଇଁ ମନେରଖିବ।



'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com